ଦ୍ୱିତୀୟ ବର୍ଷ, ୧ମ ସଂଖ୍ୟା, ୨୦୨୫

# ବ୍ରଜବିଳାସ

## ସାହିତ୍ୟ ଇ-ପତ୍ରିକା



ଦ୍ୱିତୀୟ ବର୍ଷ, ୧ମ ସଂଖ୍ୟା, ୨୦୨୫

# ବ୍ରଜବିଳାସ

## ସାହିତ୍ୟ ଇ-ପତ୍ରିକା

**ପ୍ରତିଷ୍ଠାତା ଓ ସମ୍ପାଦକ :** ବିଶ୍ୱବିଜୟୀ ଦାଶ
ଗମ୍ଭାରୀମୁଣ୍ଡା, ବାଣପୁର, ଖୋର୍ଦ୍ଧା
ମୋ/ ହ୍ୱାଟ୍ସଆପ୍ – ୬୩୭୦୨୦୮୪୨୮

**ସହ ସମ୍ପାଦିକା**
ପ୍ରବାଳମଞ୍ଜରୀ ଦାଶ
ପ୍ରିୟମ୍ବଦା ସ୍ୱାଇଁ

**ଡିଜାଇନର୍ : କାହ୍ନୁ ଚରଣ ସାହୁ**
ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି
ମୋ- ୮୨୪୯୫୨୦୮୮୦

# ସମ୍ପାଦକଙ୍କ କଲମରୁ...



ଶୀତଋତୁରେ ପ୍ରାକୃତିକ ଦୃଶ୍ୟ ଅତ୍ୟନ୍ତ ମନ୍ତ୍ରମୁଗ୍ଧ ଓ ମନୋରମ । ପ୍ରତ୍ୟୂଷ ଶିଶିରସ୍ନାତ,ଟଗରଫୁଲ ବକଶିତ ହୋଇ ଶୀତ ପ୍ରକୃତିକୁ ଅଭିନନ୍ଦନ ଜ୍ଞାପନ ପନ କରିଥାଏ । ବାଡ଼ି ବଗିଚାରେ ପ୍ରସ୍ଫୁଟିତ ହୋଇ ଥାଏ ବିଭିନ୍ନ ପୁଷ୍ପ । ଶ୍ୟାମ ଦୁବାଦଳ ଉପରେ ନିପତିତ ଶିଶିରବିନ୍ଦୁ ରୌପ୍ୟକାନ୍ତିକୁ ମଧ୍ୟ ପୁରହିତ କରିଥାଏ । ସୌର ରଶ୍ମି ଯେତେବେଳେ ଶସ୍ୟକ୍ଷେତ୍ର ଉପରେ ପତିତ ହୁଏ । ସେତେବେଳେ ସେହି ମନୋଲୋଭା ଦୃଶ୍ୟ ଅବଲୋକନ କରି କୃଷକ ର ମନ ଆନନ୍ଦରେ ନୃତ୍ୟ କରେ । ମୃଦୁ ସମୀରଣ ପ୍ରବାହିତ ସତେ ଯେପରି ପ୍ରକୃତି ରାଣୀ ଶସ୍ୟ କ୍ଷେତ୍ର ଅନ୍ତରାଳେ ସଙ୍ଗୀତର ମୂର୍ଚ୍ଛନା ତୋଳେ । ପ୍ରକୃତିରାଣୀ ସେହି ସଙ୍ଗୀତ ଶ୍ରବଣ କରି କୃଷକ ଆନନ୍ଦରେ ଆତ୍ମହରା ହୋଇପଡ଼େ । ବୃକ୍ଷଲତା ଦେହରୁ ଶିଶିର ବିନ୍ଦୁ ପ୍ରଭାତ କାଳରେ ପତିତ ହୁଏ । ଉଦୟ କାଳିନ ସୂର୍ଯ୍ୟଙ୍କ ରଶ୍ମି ସେଥିରେ ପ୍ରତିଫଳିତ ହୋଇ ଅପୂର୍ବ ବର୍ଣ୍ଣବିଭା ସୃଷ୍ଟି କରେ।

ଶୀତ ଋତୁର ସମ୍ଭାର ନେଇ ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା ତାହାର ତୃତୀୟ ସଂସ୍କରଣ ପ୍ରକାଶ କରିଛି

। ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା ଓଡ଼ିଆ ଭାଷା ସାହିତ୍ୟ ର ପ୍ରଚାର ପ୍ରସାର କରିବା ଦିଗରେ ଗୁଣ୍ଡିଚିମୂଷା ସଦୃଶ କାର୍ଯ୍ୟ ନିର୍ବାହନ କରୁଛି । ଯୁବ ଓ ଛାତ୍ର ସମାଜ ପାଖରେ ଥିବା ସାହିତ୍ୟ ସାଧନାର ଅନ୍ତର୍ନିହିତ ଶକ୍ତିକୁ ପ୍ରଚାର ଓ ପ୍ରସାରିତ କରିବାରେ ଏହି ପତ୍ରିକା ମାଧ୍ୟମ ସାଜିଛି । ଏହି ପତ୍ରିକାରେ ଅନେକ ଲେଖକ, ଲେଖିକା ତଥା କବି ଓ କବୟିତ୍ରୀ ଙ୍କ ଅମୂଲ୍ୟ କୃତି ସ୍ଥାନିତ ହୋଇଅଛି ।

ଏହି ପତ୍ରିକାଟି ସର୍ବଜନବିଦିତ ହେଉ ବୋଲି ଶ୍ରୀ ଶ୍ରୀ ବାବା ପ୍ରତାପେଶ୍ୱର ଦେବ ଓ ମା' ଭଗବତୀଙ୍କ ନିକଟରେ ପ୍ରାର୍ଥନା କରୁଛି।

*ବିଶ୍ୱବିଜୟୀ ଦାଶ*

*ସମ୍ପାଦକ, ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା*

# ସହ-ସମ୍ପାଦିକାଙ୍କ କଲମରୁ...

ସମୟ ଏକ ଘୂର୍ଣ୍ଣୟମାନ ଗତି । ସେ କେବେ କାହାକୁ ଅପେକ୍ଷା କରେ ନାହିଁ,ସେ ଅବିଶ୍ରାନ୍ତ ଭାବରେ ଚାଲିଥାଏ । ସେ ସଦା ସର୍ବଦା ତାର ଗତିକୁ ଚାଲୁ ରଖିଥାଏ । ସମୟ ହେଉଛି ଶ୍ରେଷ୍ଠ ବିଚାରପତି । ସମୟ ହିଁ ଆମ କୃତ କର୍ମର ହିସାବ କରିଥାଏ । ସମୟ ମଧ୍ୟ ଆମର ପରୀକ୍ଷା ନେଇଥାଏ, ବିନା ମୂଲ୍ୟରେ ମିଳିଲେ ମଧ୍ୟ ସମୟ ବଡ଼ ବଳବାନ । କ୍ଷଣସ୍ଥାୟୀ ସମୟ ଆମ ହାତରେ କେତେ ବାକି ଅଛି ଆମେ ଜାଣୁ ନା।ଥରେ ହଜିଗଲେ ଏହା ଆଉ ମିଳେ ନାହିଁ।ଜୀବନରେ ଖରାପ ସମୟ ଆସିଲେ ନିଜ ଉପରେ ବିଶ୍ୱାସ ରଖି କାମ କର, ନିଜକୁ ବଦଳାଅ।ସମୟ ସହଜରେ ଚାଲିଯିବ । ହେଲେ ଯଦି ତୁମେ ପରିସ୍ଥିତିକୁ ଦୋଷ ଦିଅ ତେବେ ସେହି ସମୟ ବହୁତ କଷ୍ଟଦେବ, ତେଣୁ ନିଜର ମନୋବଳ କୁ ଦୃଢ଼ୀଭୂତ କରି ନିଜ ଲକ୍ଷ୍ୟ ହାସଲ କରିବା ପାଇଁ ଅଗ୍ରସର ହେବା ଆବଶ୍ୟକ ।

ଜୀବନ ର ପ୍ରତିଟି ସମୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।ଜୀବନର ସ୍ୱଳ୍ପତା ମଧ୍ୟରେ ସମୟକୁ ଖର୍ଚ୍ଚ କରିଦେବା ବଦଳରେ ସଦ ବିନିଯୋଗ କରିବା ଆବଶ୍ୟକ।ଯେଉଁ ବ୍ୟକ୍ତିବିଶେଷ ମାନେ ସମୟର ସଠିକ୍ ଉପଯୋଗ କରିଛନ୍ତି, ଆଜି ସେମାନେ ଜଣେ ଜଣେ ସଫଳ ବ୍ୟକ୍ତିତ୍ୱ ହୋଇ ସମାଜରେ ପ୍ରତିଷ୍ଠିତ ହୋଇ ପାରିଛନ୍ତି।

*ପ୍ରିୟମ୍ବଦା ସ୍ୱାଇଁ*

*ସହ-ସମ୍ପାଦିକା,ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା*

# ସହ-ସମ୍ପାଦିକାଙ୍କ କଲମରୁ...

ସାହିତ୍ୟ ହେଉଛି ସମାଜର ଦର୍ପଣ । ସାହିତ୍ୟ ସମାଜକୁ ପ୍ରଭାବିତ କରିଥାଏ। ସମାଜର ପ୍ରତିଛବିକୁ ସାହିତ୍ୟ ମାଧ୍ୟମରେ ହିଁ ଉପଲବ୍ଧି କରିହୁଏ । ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଯଶସ୍ୱୀ ସାରସ୍ୱତ ସାଧକ ମାନେ ସାହିତ୍ୟ ସାଧନା କରି ଓଡ଼ିଶାର ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ଆଜିର ଯୁବ ଓ ଛାତ୍ର ପିଢ଼ି ଓଡ଼ିଆ ଭାଷା ସାହିତ୍ୟକୁ ଗଭୀର ଭାବେ ଗବେଷଣା କରିବାର ଆବଶ୍ୟକତା ରହିଛି । ଆମ ସମାଜରେ ପୁସ୍ତକର ସ୍ଥାନ ଅନନ୍ୟ । ପାଠକ ମନରେ ଶାନ୍ତିର ଭାବ ଆଣିଦିଏ ପୁସ୍ତକ। ଖବରକାଗଜ, କବିତା, ଗଳ୍ପ ଆଦି ପୁସ୍ତକ ପଢ଼ିବାରେ ନିଆରା ଆନନ୍ଦ ମିଳିଥାଏ, ସେଥିରୁ ଜ୍ଞାନ ଆହରଣ କରିହୁଏ ।

ବାଣପୁର ମାଟି ହେଉଛି କବି ଓ ଗାଳ୍ପିକ ର ମାଟି । ଏହି ମାଟିରେ ଅନେକ ଯଶସ୍ୱୀ କବି, ଗାଳ୍ପିକ ଜନ୍ମ ନେଇ ନିଜସ୍ୱ ପ୍ରତିଭା ବଳରେ ସମଗ୍ର ଓଡ଼ିଶା ତଥା ଭାରତବର୍ଷରେ ବାଣପୁର ମାଟିକୁ ଗୌରବାନ୍ୱିତ କରିଛନ୍ତି ।

*ଶ୍ରୀମତୀ ପ୍ରବାଳ ମଞ୍ଜରୀ ଦାଶ*

*ସହ-ସମ୍ପାଦିକା, ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା*

## Sharadiya Issue of Brajbilas E-magazine has been Published




Banapur, (TNB): On the Auspicious Occasion of Durga Puja, Brajabils Odia E-Magazine's Puja Issue published from Banpur,Edited by Young Columnist Biswabijayee Dash. Hon' ble Principal of Jewels International Chetana College of Special Education Prof. Dr. Binaya Bhusana Mohapatra Encouraged the Young Writers By Giving Greetings Message to the E-magazine.This magazine publishes poems, stories and essays based on Dusshera, Durga Puja and Goddess Maa Durga.Co-Editor Prabalamanjari Dash,Priyambada Swain as associated the magazine and decorated by Designer Kanhu Charan Sahu. Psychologist Ayushman Choudhary, Columnist Arun Kumar Tripathy & Lecture Manshi Acharya gave feedback to the Magazine. The founder and editor Mr. Dash hopes that this magazine will become popular.

## ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା ର ଶାରଦୀୟ ବିଶେଷାଙ୍କ ପ୍ରକାଶିତ

ବାଣପୁର, ୬।୧୦ (ଆନିସ): ପବିତ୍ର ଦଶହରା ଉପଲକ୍ଷେ ବାଣପୁର ଅଞ୍ଚଳର ଯୁବ ସ୍ତମ୍ଭକାର ବିଶ୍ବବିଜୟୀ ଦାଶଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଅଛି ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା ର ଶାରଦୀୟ ବିଶେଷାଙ୍କ। ଏହାର ସହ-ସମ୍ପାଦିକା ଭାବେ ପ୍ରବାଳ ମଞ୍ଜରୀ ଦାଶ, ପ୍ରିୟମ୍ବଦା ସ୍ବାଇଁ ଥିବା ବେଳେ ଅଳଙ୍କରଣ କରିଛନ୍ତି ଡିଜାଇନର କାହ୍ନୁଚରଣ ସାହୁ। ଜୁଏଲସ୍ ଇଣ୍ଟରନ୍ୟାସନାଲ ଚେତନା କଲେଜ ଅଫ୍ ସ୍ପେସିଆଲ ଏଜୁକେସନର ଅଧ୍ୟକ୍ଷ ପ୍ରଫେସର ଡ଼ଃ ବିନୟ ଭୂଷଣ ମହାପାତ୍ର ଶୁଭେଚ୍ଛା ଜଣାଇବା ସହ ସ୍ତମ୍ଭକାର ଅରୁଣ କୁମାର ତ୍ରିପାଠୀ, ମନସ୍ତତ୍ତ୍ୱବିଦ୍ ଆୟୁଷ୍ମାନ ଚୌଧୁରୀ, ଶିକ୍ଷା ଅଧ୍ୟାପିକା ମାନସୀ ଆଚାର୍ଯ୍ୟ ପ୍ରମୁଖ ପାଠକୀୟ ମତାମତ ପ୍ରଦାନ କରିଛନ୍ତି। ଏହି ପତ୍ରିକାରେ ଦଶହରା, ଦୁର୍ଗା ପୂଜା ଓ ଦେବୀ ମା ଦୁର୍ଗା ଙ୍କ ଉପରେ ଆଧାରିତ କବିତା, ଗଳ୍ପ ଓ ପ୍ରବନ୍ଧ ଆଦି ସ୍ଥାନିତ ହୋଇଛି। ଏହି ପତ୍ରିକା ସର୍ବଜନବିଦିତ ହେଉ ବୋଲି ସମ୍ପାଦକ ଶ୍ରୀ ଦାଶ ଆଶା ରଖିଛନ୍ତି।

## Sharadiya issue of Brajbilas E-magazine published

Khordha,(AoBureau): On the auspicious occasion of Durga Puja, Brajabils Odia E-Magazine's Puja issue has been published from Banpur, which is Edited by young columnist Biswabijayee Dash. Principal of Jewels International Chetana College of Special Education Prof. Dr. Binaya Bhusana Mohapatra encouraged the young writers by giving greetings message to the e-magazine.This magazine publishes poems, stories and essays based on Dusshera, Durga Puja and Goddess Maa Durga. Co-Editor Prabalamanjari Dash,Priyambada Swain as associated the magazine and decorated by designer Kanhu Charan Sahu. Psychologist Ayushman Choudhary, columnist Arun Kumar Tripathy and Lecture Manshi Acharya gave feedback to the magazine. The founder and editor Mr. Dash hopes that this magazine will become popular.

## ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା ର ଶାରଦୀୟ ବିଶେଷାଙ୍କ ପ୍ରକାଶିତ

ବାଣପୁର ୦୬/୧୦/୨୦୨୪

କଳିଙ୍ଗ ଜ୍ୟୋତି : ପବିତ୍ର ଦଶହରା ଉପଲକ୍ଷେ ବାଣପୁର ଅଞ୍ଚଳର ଯୁବ ସ୍ତମ୍ଭକାର ବିଶ୍ୱବିଜୟୀ ଦାଶଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଅଛି ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା ର ଶାରଦୀୟ ବିଶେଷାଙ୍କ।ଏହାର ସହ-ସମ୍ପାଦିକା ଭାବେ ପ୍ରବାଳ ମଞ୍ଜରୀ ଦାଶ, ପ୍ରିୟମ୍ବଦା ସ୍ୱାଇଁ ଥିବା ବେଳେ ଅଳଙ୍କରଣ କରିଛନ୍ତି ଡିଜାଇନର କାହ୍ନୁଚରଣ ସାହୁ। ଜୁଏଲସ୍ ଇଣ୍ଟରନ୍ୟାସନାଲ ଚେ଼ତନା କଲେଜ ଅଫ୍ ସ୍ପେସିଆଲ ଏଜୁକେସନର ଅଧ୍ୟକ୍ଷ ପ୍ରଫେସର ଡ଼ଃ ବିନୟ ଭୂଷଣ ମହାପାତ୍ର ଶୁଭେଚ୍ଛା ଜଣାଇବା ସହ ସ୍ତମ୍ଭକାର ଅରୁଣ କୁମାର ତ୍ରିପାଠୀ, ମନସ୍ତତ୍ତ୍ୱବିଦ୍ ଆୟୁଷ୍ମାନ ଚୌଧୁରୀ, ଶିକ୍ଷା ଅଧ୍ୟାପିକା ମାନସୀ ଆଚାର୍ଯ୍ୟ ପ୍ରମୁଖ ପାଠକୀୟ ମତାମତ ପ୍ରଦାନ କରିଛନ୍ତି।ଏହି ପତ୍ରିକାରେ ଦଶହରା, ଦୁର୍ଗା ପୂଜା ଓ ଦେବୀ ମା' ଦୁର୍ଗା ଙ୍କ ଉପରେ ଆଧାରିତ କବିତା, ଗଳ୍ପ ଓ ପ୍ରବନ୍ଧ ଆଦି ସ୍ଥାନିତ ହୋଇଛି।ଏହି ପତ୍ରିକା ସର୍ବଜନବିଦିତ ହେଉ ବୋଲି ସମ୍ପାଦକ ଶ୍ରୀ ଦାଶ ଆଶା ରଖିଛନ୍ତି।

# ସ୍ମୃତି

**ଗତ ସଂସ୍କରଣର**

## ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକାର ଶାରଦୀୟ ବିଶେଷାଙ୍କ ପ୍ରକାଶିତ




ଚିଲିକା/ବାଣପୁର, ୦୬।୧୦ (ଆ.ପ୍ର) : ପବିତ୍ର ଦଶହରା ଉପଲକ୍ଷେ ବାଣପୁର ଅଂଚଳର ଯୁବ ସ୍ତମ୍ଭକାର ବିଶ୍ୱବିଜୟୀ ଦାଶଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଅଛି ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକାର ଶାରଦୀୟ ବିଶେଷାଙ୍କ । ଏହାର ସହ-ସମ୍ପାଦିକା ଭାବେ ପ୍ରବାଳ ମଞ୍ଜରୀ ଦାଶ, ପ୍ରିୟମ୍ବଦା ସ୍ୱାଇଁ ଥିବା ବେଳେ ଅଳଙ୍କରଣ କରିଛନ୍ତି ଡିଜାଇନର କାହ୍ନୁଚରଣ ସାହୁ । ଜୁଏଲସ୍ ଇଂଟରନ୍ୟାସନାଲ ଚେ଼ତନା କଲେଜ ଅଫ୍ ସ୍ପେସିଆଲ ଏଜୁକେସନର ଅଧ୍ୟକ୍ଷ ପ୍ରଫେସର ଡ଼ଃ ବିନୟ ଭୂଷଣ ମହାପାତ୍ର ଶୁଭେଚ୍ଛା ଜଣାଇବା ସହ ସ୍ତମ୍ଭକାର ଅରୁଣ କୁମାର ତ୍ରିପାଠୀ, ମନସ୍ତତ୍ୱବିଦ୍ ଆୟୁଷ୍ମାନ ଚୌଧୁରୀ, ଶିକ୍ଷା ଅଧ୍ୟାପିକା ମାନସୀ ଆଚାର୍ଯ୍ୟ ପ୍ରମୁଖ ପାଠକୀୟ ମତାମତ ପ୍ରଦାନ କରିଛନ୍ତି । ଏହି ପତ୍ରିକାରେ ଦଶହରା, ଦୁର୍ଗା ପୂଜା ଓ ଦେବୀ ମା' ଦୁର୍ଗାଙ୍କ ଉପରେ ଆଧାରିତ କବିତା, ଗଳ୍ପ ଓ ପ୍ରବନ୍ଧ ଆଦି ସ୍ଥାନିତ ହୋଇଛି । ଏହି ପତ୍ରିକା ସର୍ବଜନବିଦିତ ହେଉ ବୋଲି ସମ୍ପାଦକ ଶ୍ରୀ ଦାଶ ଆଶା ରଖିଛନ୍ତି ।

ସମ୍ବାଦ

## ଶାରଦୀୟ ବିଶେଷାଙ୍କ ପ୍ରକାଶିତ




ବାଣପୁର, ୭/୧୦(ଇମିସ): ପବିତ୍ର ଦଶହରା ଉପଲକ୍ଷେ ବାଣପୁର ଅଞ୍ଚଳର ସ୍ତମ୍ଭକାର ବିଶ୍ୱବିଜୟୀ ଦାଶଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଛି 'ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା'ର ଶାରଦୀୟ ବିଶେଷାଙ୍କ। ଏହାର ସହସମ୍ପାଦିକା ଭାବେ ପ୍ରବାଳ ମଞ୍ଜରୀ ଦାଶ ଓ ପ୍ରିୟମ୍ବଦା ସ୍ୱାଇଁ ଥିବା ବେଳେ ଅଳଙ୍କରଣ କରିଛନ୍ତି ଡିଜାଇନର କାହ୍ନୁଚରଣ ସାହୁ। 'ଜୁଏଲସ୍ ଇଣ୍ଟରନ୍ୟାସନାଲ ଚେ଼ତନା କଲେଜ ଅଫ୍ ସ୍ପେସିଆଲ ଏଜୁକେସନ'ର ଅଧ୍ୟକ୍ଷ ପ୍ରଫେସର ବିନୟ ଭୂଷଣ ମହାପାତ୍ର, ସ୍ତମ୍ଭକାର ଅରୁଣ କୁମାର ତ୍ରିପାଠୀ, ମନସ୍ତତ୍ତ୍ୱବିଦ୍ ଆୟୁଷ୍ମାନ ଚୌଧୁରୀ, ଶିକ୍ଷା ଅଧ୍ୟାପିକା ମାନସୀ ଆଚାର୍ଯ୍ୟ ପ୍ରମୁଖ ପାଠକୀୟ ମତାମତ ପ୍ରଦାନ କରିଛନ୍ତି। ଏହି ପତ୍ରିକାରେ ଦଶହରା ଓ ମା' ଦୁର୍ଗାଙ୍କ ଉପରେ ଆଧାରିତ କବିତା, ଗଳ୍ପ ଓ ପ୍ରବନ୍ଧ ଆଦି ସ୍ଥାନୀତ ହୋଇଛି।

KHURDA Edition
Page No.1 October 08, 2024

# ସୂଚୀପତ୍ର



| କ୍ର.ନଂ. | କବି/ କବୟତ୍ରୀ | ପୃଷ୍ଠା |
|---|---|---|
| ୦୧ | ବିଶ୍ୱନାଥ କର | ୦୯ |
| ୦୨ | ଧ୍ରୁବ ଚରଣ ଘିବେଲା | ୧୧ |
| ୦୩ | ଦେବାଶିଷ ଚକ୍ରବର୍ତ୍ତୀ | ୧୩ |
| ୦୪ | ରାଜେଶ୍ ରାୟ | ୧୫ |
| ୦୫ | ଆର୍ଯ୍ୟ ଦାସ | ୧୯ |
| ୦୬ | ସପ୍ତର୍ଷି ନାୟକ | ୨୦ |
| ୦୭ | ପିଙ୍କିନା ବିଷୋୟୀ | ୨୧ |
| ୦୮ | ଜୟନ୍ତ ଦାସ ପ୍ରଫୁଲ୍ଲ | ୨୫ |
| ୦୯ | ସଞ୍ଜୟ ନାଏକ | ୨୭ |
| ୧୦ | ସୁଜିତ କୁମାର ମିଶ୍ର | ୨୮ |
| ୧୧ | ବେଣୁଧର ସୂତାର | ୩୦ |
| ୧୨ | ସସ୍ମିତା ପଣ୍ଡା | ୩୨ |
| ୧୩ | ଚିନ୍ମୟୀ ସାହୁ | ୩୭ |
| ୧୪ | ନିକିତା ମହାରଣା | ୩୮ |
| ୧୫ | ଜୟଶ୍ରୀ କ୍ରାନ୍ତି ପୂରଭି | ୩୯ |
| ୧୬ | ସାଗର ବେହେରା | ୪୧ |
| ୧୭ | ଅରୁଣ କୁମାର ଦାସ | ୪୨ |
| ୧୮ | ଶିବରାମ ନାୟକ | ୪୪ |
| ୧୯ | ନିରଞ୍ଜନ ସାହୁ | ୪୬ |
| ୨୦ | ଦିପେଶ ସାହୁ | ୪୭ |
| ୨୧ | ଜୟନ୍ତ କୁମାର ମଲ୍ଲିକ୍ | ୪୯ |
| ୨୨ | ଶ୍ରୀକୁମାର ମହାପାତ୍ର | ୫୦ |
| ୨୩ | ଡଃ ଶୁଭେନ୍ଦୁ ମେହେର | ୫୨ |

| | | |
|---|---|---|
| ୨୪ | ଡ଼କ୍ଟର ସୀମାଞ୍ଚଳ ପ୍ରଧାନ | ୫୩ |
| ୨୫ | ରାଜେଶ କୁମାର ସାହୁ | ୫୫ |
| ୨୬ | ବବୁଲୁ ବାଘ | ୫୮ |
| ୨୭ | ପଲ୍ଲବିତା ସାହୁ | ୬୦ |
| ୨୮ | ଅଜିତ କୁମାର ରାଉତ | ୬୩ |
| ୨୯ | ବୀରକିଶୋର ପଣ୍ଡା | ୬୬ |
| ୩୦ | ଶ୍ରାବଣୀ ଜେନା | ୬୮ |
| ୩୧ | ଭାବଗ୍ରାହୀ ମେହେର | ୬୯ |
| ୩୨ | ପ୍ରତିମା ମିଶ୍ର | ୭୧ |
| ୩୩ | ପୂଜା ସାହୁ | ୭୪ |
| ୩୪ | ଶିବଦୂତୀ ପାଣିଗ୍ରାହୀ | ୭୮ |
| ୩୫ | ମୀନାକ୍ଷୀ ପଣ୍ଡା | ୮୦ |
| ୩୬ | ଚନ୍ଦନା ସାହୁ | ୮୩ |
| ୩୭ | ଦିଗମ୍ବର ବିଶ୍ୱାଳ | ୮୪ |
| ୩୮ | ସତ୍ୟକାମ ପରମଗୁରୁ | ୮୫ |
| ୩୯ | ସୁମିତ୍ରା ଦଳାଇ | ୮୭ |
| ୪୦ | ଦୀପକ ନାୟକ | ୮୯ |
| ୪୧ | ଦେବାଶିଷ୍ ସାହୁ | ୯୦ |
| ୪୨ | ପ୍ରିତୀକଳ୍ପିତା କୁଅଁର | ୯୨ |
| ୪୩ | ବଳରାମ ବେହେରା | ୯୩ |
| ୪୪ | ରେଖାରାଣୀ ବାରିକ୍ | ୯୫ |

# କେହି ଜଣେ ମନେପଡ଼େ



ଅସହାୟତାରେ କେହି ଜଣେ ମନେପଡ଼େ
ଦୁଃଖକୁ ଅଡେଇ ନିଅନ୍ତା ଗୋଧୂଳିର ବେଳାରେ
ହମ୍ବାଳୁଥିବା ଦୁଃଖମାନେ ଭାସିଯାନ୍ତେ ଉଜାଣି ଢେଉରେ
ସବାର ହୋଇ କାଗଜ ଡଙ୍ଗାରେ ।
ନୀଳଜହ୍ନର ଆଲୋକରେ ହଜିଯାନ୍ତା
ବ୍ୟର୍ଥ ମଣିଷର ଆକାଶରୁ ଅମାରାତ୍ରିର କାଳିମା
ବୟସ୍କ ରାତିର ନୂତନ ସଂଜ୍ଞାରେ
ପକ୍ଷହୀନ ପକ୍ଷୀମାନେ ଉଡିଉଡି ମାପୁଥାନ୍ତେ
ଅନନ୍ତ ଆଲୋକରେ ଜୀବନର ଅସୀମତା
ଧୂଳି ଉଡେଇ ଚାଲିଯାଇଥିବା ମୋ ପ୍ରତିବିମ୍ବ
ପୁଣି ବର୍ତ୍ତନ ମାଗନ୍ତା
ଶୁଷ୍କ ହୋଇଯାଇଥିବା ଉପତ୍ୟକାରେ
ଫୁଲର ଫସଲ ହସେଇ
ଖୋଜିଆଣି ଜୀବନର ବ୍ୟାପକତା ।

ସୁଖ ଏକ ନିରାଡମ୍ବର ଶୋଭାଯାତ୍ରା
ଗୁପ୍ତ ଘୋଷଣା ପତ୍ର ର ସ୍ୱାକ୍ଷର
ଅନ୍ଧାର ମେଖଳା ଭିତରେ ଲୁଚିଥିବା ବୋତଲର ଭୂତ
କେଇ ମୁହୂର୍ତ୍ତର ମିଛ ଭଅଁରର ଗୁଣୁଗୁଣୁ ଗୀତ ।

ଫୁଲ ଫୁଟିଲେ ଯେମିତି ଝଡିଯିବା ଥୟ

ଫୁଲମତି ର କାଦମ୍ବିନୀ ନିଶାରେ
ପହଁରି ଶିଖୁଥିବା ପବନର ପକ୍ଷ ଛିଡିଯିବା ଥୟ
ନିଦ ଭାଙ୍ଗିଗଲେ ସ୍ୱପ୍ନ ସବୁ ହଜିଯିବା ଥୟ ।
ଦୁଃଖର ଘୋଡାଦୌଡରେ  ପଲ୍ଲବିତ ଆଶାର ଶୀତଳ ଛାଇ
ଲାଭାର ଧୂମ୍ରରେ ଧୂମ୍ରାୟିତ
ସିଇଁ ସିଇଁ ବଞ୍ଚୁଥିବା ଜୀବନକେବଳ ଏକମାତ୍ର ସତ୍ୟ ।

ସୁଖର କାଞ୍ଚନ ନିଶା
କେବେ କେବେ ଗାଏ ଅସହାୟତାର ଗୀତ
କେହି ଜଣେ ମନେପଡେ
ବଢେଇ ଦିଅନ୍ତା ବିଶ୍ୱାସ ର ହାତ ।

ଦୁଃଖର କଣ୍ଟକିତ ଉପତ୍ୟକାରେ
ସ୍ଥିତପ୍ରଜ୍ଞ ଖୁସିର ଜୀବନଟିଏ ଗଢେଇ ନେବାର ବିନୀତ ମାଗୁଣି
ହୁଏତ ଗଢେଇ ନିଅନ୍ତା ଜୀବନର ନନ୍ଦିଘୋଷ ବଡଦାଣ୍ଡେ ଟାଣି ।
ବିଶ୍ୱାସର ସଙ୍କଟରେ କାଳ ବୈଶାଖୀ ଝଡରେ
ମନେପଡେ କେହିଜଣେ ହୁଏତ ଥାଆନ୍ତା
ମିଛ ହେଲେବି
ଆ' ଜହ୍ନମାମୁଁ ଡାକି
ନାନା ବାୟା ଗୀତର ତାଳରେ ଜୀବନକୁ ସରଳ କରନ୍ତା ।

*ବିଶ୍ୱନାଥ କର*

# ଫିଟି ପଡ଼େ ଉକିଆ

ଦିଗବଳୟ ଉପରକୁ
ଡେଇଁ ପଡ଼ିଲେ ସୂରୁଯ
ଫିଟି ପଡ଼େ ଉକିଆ
ଆଉ ସେଇ ଉକିଆରେ
ଉଭାସିତ ହୁଏ ସାରା ଦୁନିଆ ।
ରାତିର ଅନ୍ଧକାର ହଟେ
ସବୁ ଫର୍ଚ୍ଚା ଦିଶି ଆସେ
ସୂର୍ଯ୍ୟ ବି ବୁଣେ ଉକିଆ
ଉକିଆର ରକ୍ତିମ ଆଭାରେ
ସୁନ୍ଦର ଦିଶିଆସେ ଦୁନିଆ ।
ପୁନେଇଁ ରାତିରେ ସେମିତି
ଜହ୍ନ ଖେଳି ବୁଲିଲେ ଆକାଶରେ
ଉଜ୍ଜ୍ୱଳ ଦିଶେ ଉକିଆରେ
ତାରାମାନେ ଲୁଚି ଯାଆନ୍ତି
କେଉଁଠି ଆକାଶ କୋଣରେ ।
ସଞ୍ଜ ହେଲେ ସବୁଦିନ
ସହରରେ ଜଳେ ବିଜୁଳବତୀ
ଉକିଆ ଖେଳିଯାଏ ସେମିତି
ତାପରେ ଝଲସେ ସହର
ଉକିଆରେ ସାରା ରାତି ।

ଗାଆଁ ଶୁଏ ସହର ଶୁଏନି
ସହରରେ ଯାନିଯାତ୍ରା ବେଶି
ଫି' ଦିନ ବସେ ସଭା ସମିତି
କେବେ ପୁଣି ରାସ୍ତାରେ ଗଡ଼େ
ବଡ଼େ ଶୋଭାଯାତ୍ରା ଏଠି ସେଠି ।
ଯାନୀଯାତ୍ରାରେ ବିଭାଘରେ
ଅବା ଉତ୍ସବ ପଟୁଆରେ
ବାଣ ଫୁଟି ଫିଟେ ଉକିଆ
କିଛି ବାଣ ଉପରକୁ ଉଠି ଫୁଟେ
ଆଖି ଝଲସା ଉକିଆ ଲାଗେ ବଢ଼ିଆ ।

*ଧ୍ରୁବ ଚରଣ ଘିବେଲା*
*ବଉଦରାଜ, ଜି. ବୌଦ୍ଧ*
*ମୋ - 9437478466*

# ମୁଠାଏ ମୂର୍ଚ୍ଛନା



**ବାତ୍ୟା**

ଧନ ଓ ଜୀବନ ହାନି ର ଆଶଙ୍କା
ବଢ଼ିଯାଏ ସିନା ହୋଇଲେ ବାତ୍ୟା
ଅଧିକ ବିପଦଜନକ ନୁହେଁ କି
ମଣିଷପଣ ର ହୋଇଲେ ହତ୍ୟା?

**ନଈ**

ନଈବଢ଼ି ହେଲେ କିଆରୀ ରେ ସିନା
ଗଦେଇ ଦିଅଇ ପଟୁ ଓ ବାଲି
ଈର୍ଷା ର ନଈ ମନକୁ ଆମର
ଦେଇଥାଏ କିନ୍ତୁ ପାଉଁଶ କରି।

**ଦୀପ**

ଲାଭ କଣ କୁହ ଘର ଓ ଅଗଣା
ଦୀପ ଆଲୋକ ରେ ଉଠିଲେ ଝଳି
ବିବେକ ପ୍ରଦୀପ ପାରୁ ନାହିଁ ଯଦି
ହୃଦୟ ତିମିରେ ଆଲୁଅ ଢାଳି ?

**ଉନ୍ମେଷ**

ନୂଆ ପତର କି କଅଁଳିବ ଗଛ
ଦେବନାହିଁ ଯଦି ପତ୍ରଝରା
ସଂଘର୍ଷ ବିନା ମନ ଅଗଣା ରେ
ପୁଚି ଖେଳିବ କି ସୁନେଲି ଖରା?

**ପୂରଣ**

ନିସ୍ୱାର୍ଥ ଭାବରେ ଯଦି ଈଶ୍ୱର ଙ୍କ
ଚରଣ ରେ କେହି ନିଏ ଶରଣ
ମନ କଥା ବୁଝି ଯା କିଛି ପ୍ରାପ୍ୟ
କରିବେ ନାହିଁ କି ସିଏ ପୂରଣ ?

*ଦେବାଶିଷ ଚକ୍ରବର୍ତ୍ତୀ*
*ମଣ୍ଡୁଆ, କେନ୍ଦୁଝର ଗଡ*
*ମୋ -୯୪୩୭୭୫୨୩୯୫*

# ଅଭିଶପ୍ତ କେତକୀ



ନିଛାଟିଆ ଖରାବେଳ, ହଠାତ୍ ଶୂନ୍ୟତା ଜନ୍ମଦେଲା ଏକ ଛାତିଥରା ଶବ୍ଦକୁ ! ଆଶା ଓ ଆକାଂକ୍ଷାର ବୁକୁଚିରି ମଙ୍ଗୁଳୁ ତାଣ୍ଡିର ଝାଟିମାଟି କୁଡ଼ିଆରେ ଜନ୍ମ ନେଇଛି ଏକ ଶିଶୁକନ୍ୟା । ଦୀର୍ଘଦିନର ଅପେକ୍ଷାକୁ ନ୍ୟାୟ ମିଳିଛି । କିନ୍ତୁ ଏ କଣ ? ଗାଁ ଲୋକଙ୍କ ମୁହଁରେ ହସ ବଦଳରେ କଳା ହାଣ୍ଡିଆ ମେଘର ଛାଇ ! ସତେ ଯେପରି ଶାନ୍ତ ସମୁଦ୍ରରେ ଅଦିନିଆ ଝଡ଼ ଆସିଛି ! ଦେଖୁ ଦେଖୁ ଏକ ଅଜ୍ଞାତ କୋଣରୁ ଭାସି ଆସିଲା କ୍ରନ୍ଦନର ସ୍ୱର , " ମୋର୍ ପରିବାର ଭାସିଗଲା ଲୋ ମା , ମୁଇଁ ଏବେ କିସ୍ କରିବି ?" । ମାଟିକାନ୍ଥର ଛାତିରେ ମୁଣ୍ଡ ବାଡ଼େଇ କାନ୍ଦୁଥିଲେ ମଙ୍ଗୁଳୁର ମାଆ ପ୍ରମିଳା ତାଣ୍ଡି । ତାଙ୍କ ଦୀର୍ଘ ଦିନର ବ୍ରତ ଆଜି ନଷ୍ଟ ହେଇଛି , ମନଜାଣି ଫଳ ମିଳିନି। ଗାଁ ଠାକୁରାଣୀ ମା କୁଠାରୀ ତାଙ୍କ ଡାକ ଶୁଣି ନାହାଁନ୍ତି !!!! ପ୍ରମିଳା ଚାହୁଁଥିଲେ ପୁଅଟେ ହେଉବୋଲି, ଯିଏ ତାଙ୍କ ଭବିଷ୍ୟତ ପିଢ଼ିର ଉଦ୍ଧାର କରିବ, ପିଣ୍ଡରେ ନିଆଁ ଦେବ । ସେଥିପାଇଁ ସେ ମା କୁଠାରୀଙ୍କ ପାଖରେ ଅସଂଖ୍ୟ ଘିଅବତୀ ଜାଳିଥିଲେ । ବଟ ବୃକ୍ଷରେ ଅନେକ ମାନସିକ ଡୋରୀ ବାନ୍ଧିଥିଲେ । ହେଲେ ସବୁକିଛି ବିଫଳ ହେଲା । ଗାଁ ର ଅନ୍ୟ ସ୍ତ୍ରୀ ଲୋକ ମାନେ ପାଟିରେ ଲୁଗା ଦେଇ ଟାହି ଟାପରା ହେଉଥିଲେ । କିଏ କହୁଥିଲା ଘରକୁ ହତଲକ୍ଷ୍ମୀଟେ ଆସିଛି ତ ଆଉ କିଏ ଅଶୁଭ କହି ମଙ୍ଗୁଳୁର ସ୍ତ୍ରୀ ମାଳତୀକୁ ଗାଳି ଦେଉଥିଲା । ମଙ୍ଗୁଳୁ ଘର ବାହାରେ ଛିଡ଼ା ହୋଇ ଭାବୁଥିଲା ନିଜ ଫଟା କପାଳ କଥା,ନିଜ ସଦ୍ୟଜାତ ଝିଅର ଭବିଷ୍ୟତ କଥା ,ତା ବାହାଘର କଥା, ଯୌତୁକର କଥା ଆଉ ଜଞ୍ଜାଳର କଥା । କିଛି ସମୟ ପରେ କୋଳାହଳର ଝଡ଼ ଥମିଗଲା । ଗାଁ ଲୋକମାନେ ନିଜ ନିଜ ଘରକୁ ଚାଲିଗଲେ । ବିଭିନ୍ନ କଳଙ୍କର ବିଷକୁ ପାନକରି ଶେଷରେ ଶିଶୁକନ୍ୟାଟି ଆଖି ଖୋଲିଲା ,ସଙ୍କୁଚିତ ସ୍ୱରରେ ନିଜର ଅବସ୍ଥିତିକୁ ଜାହିର

କଳା ଆଉ  ଝାଟିମାଟି କୁଡ଼ିଆର କଣାରେ ଝାପସା ଦିଶୁଥିବା ନୀଳ ଆକାଶକୁ ଚାହିଁ ଗୋଡ଼ ଛାଟିଲା । ଚାରିଆଡ଼େ ଖେଳି ଯାଇଥିଲା ଦୁଃଖର ନିରବତା । ସତେ ଯେପରି ସେ ଶିଶୁ କନ୍ୟାଟି ସାଙ୍ଗରେ ଗାଁକୁ ଆସିଥିଲା ଏକ ଅଜଣା ଅଭିଶାପ !! କିଛିଦିନ ବିତିଗଲା , ଅନେକ ସଂଘର୍ଷ ପରେ  ଶେଷରେ ଶିଶୁକନ୍ୟାଟିକୁ  ପରିଚୟ ମିଳିଲା । ଅଦିନିଆ ଝଡ଼ ପରି ମଙ୍ଗୁଲୁ  କୁଡ଼ିଆରେ ଜନ୍ମ ନେଇଥିବା ଶିଶୁ କନ୍ୟାର ନାଁ ଦିଆଗଲା  " କେତକୀ " । ପ୍ରଭୁ ଦେବ ଦେବ ମହାଦେବଙ୍କ ମଥାରେ ଶୋଭା ପାଉଥିବା କେତକୀ ନୁହେଁ  ବରଂ ଏକ ଅଲୋଡ଼ା , ଅଚିହ୍ନା କେତକୀ ଯାହାର ସୃଷ୍ଟି ଏକ ଅଭିଶପ୍ତ ଭୃଣରୁ ।

ମଙ୍ଗୁଲୁ  ବୃତ୍ତିରେ ଜଣେ ଦିନ ମଜୁରିଆ । ଅନ୍ୟ ଘରେ କାମକରି ଯାହା ରୋଜଗାର କରେ ସେଥିରେ ତା ଘର କଷ୍ଟେ ମଷ୍ଟେ ଚଳିଯାଏ । ମଙ୍ଗୁଲୁର ମାଆ ପ୍ରମିଳା ଗାଁରେ ଏକ ନମ୍ବର ଦିଶାରୀ ( ଗୁଣିଆ ) । କେହି କେହି କୁହନ୍ତି ଗ୍ରାମଦେବୀ ମା କୁଠାରୀ କୁଆଡ଼େ ପ୍ରମିଳାଙ୍କ ସହ କଥା ହୁଅନ୍ତି ତେଣୁ ଗାଁ ଲୋକମାନଙ୍କର ତାଙ୍କ ଉପରେ ଅଖଣ୍ଡ ବିଶ୍ୱାସ ଥିଲା । ଲୋକେ କୁହନ୍ତି ପ୍ରମିଳାଙ୍କ ତୁଣ୍ଡରୁ ବାହାରୁ ଥିବା କଥା ମା କୁଠାରୀଙ୍କ ସାକ୍ଷାତ ବାଣୀ । ସେ ଯାହା କୁହନ୍ତି ସବୁ କୁଆଡ଼େ ସତହୁଏ  । ତେଣୁ ଗାଁ ଲୋକମାନେ ବିଭିନ୍ନ ଜିନିଷ ଆଣି ପ୍ରମିଳାଙ୍କୁ ଭେଟି ଦେଉଥିଲେ । ମଙ୍ଗୁଲୁର ସ୍ତ୍ରୀ ଗର୍ଭବତୀ ହେବାପରେ ପ୍ରମିଳା ଭବିଷ୍ୟବାଣୀ କରିଥିଲେ ଯେ ତାର ପୁଅ ହେବ ବୋଲି । ଗାଁର ଲୋକେ ଏକଥା ଶୁଣି ଖୁସିରେ ଆନନ୍ଦିତ ହୋଇଯାଇଥିଲେ । ଖୁସିରେ ମଙ୍ଗୁଲୁବି ମାନସିକ ନିଆଁରେ ଦୁଇଘେରା ଚାଲିଥିଲା । ହେଲେ  ସବୁ ଗଣନା  ଭୁଲ୍ ହେଇଗଲା ? ପ୍ରମିଳାଙ୍କ ଉପରେ ଲୋକଙ୍କ ବିଶ୍ୱାସ ରହିଲା ନାହିଁ । ଆଉ ସେହି ରାଗରେ ପ୍ରମିଳା ଭାବୁଥିଲେ ଯେ ଇଏ ଶିଶୁ କନ୍ୟା ନୁହେଁ ବରଂ ଏକ ଅଭିଶାପ । ସମସ୍ତେ କେତକୀକୁ ଅଶୁଭ ନଜରରେ ଦେଖିଲେ । କେହିବି ତାର ଅବସ୍ଥିତିକୁ ଗ୍ରହଣ କଲେ ନାହିଁ । ଏମିତି ଚାହୁଁ ଚାହୁଁ ଦଶବର୍ଷ ବିତି ଯାଇଛି ।  ଏହାରି ଭିତରେ କେତକୀ ବଡ଼ ହୋଇ ଗଲାଣି । ଦୁନିଆର ଭଲମନ୍ଦକୁ

ଚିହ୍ନିଲାଣି । ହେଲେ ଆଜିବି କେତକୀ ଉପରେ ସେହି ଅଶୁଭ ଦୃଷ୍ଟି । କୌଣସି ମାଙ୍ଗଳିକ କାମରେ ତାକୁ ଗାଁ ଲୋକମାନେ ମିଶାନ୍ତି ନାହିଁ । ଗାଁ ସ୍କୁଲରେ ପାଠ ପଢ଼ିବାକୁ ମଧ୍ଯ କେତକୀକୁ ମନା । ପିଲାଦିନ କଣ ସେ ଦେଖିନି , ଗାଁ ବଜାରରୁ ଟିକିଲି, ସୁଅଁ, ପାଉଡ଼ର କେବେ ସେ ପିନ୍ଧିନି । ଅନ୍ୟ ପିଲାମାନଙ୍କ ସହ କେବେ ସେ ଖେଳିନି । ନିଜର ଅଭିଶପ୍ତ ଭାଗ୍ୟକୁ ଆଦରି ଏକୁଟିଆ ଘରେ ଜୀବନ କାଟୁଥିଲା କେତକୀ । ବାପା ମଙ୍ଗୁଳୁ ଓ ବୁଢ଼ୀ ଜେଜେମାଆ ତାକୁ କେବେ ଆହା ପଦେବି କୁହନ୍ତି ନାହିଁ । ନିଜର କହିଲେ କେବଳ ତାର ଜନ୍ମଦାତ୍ରୀ ମା ଯିଏ ନିଜ ସ୍ନେହ ପଣତରେ କେତକୀକୁ ସାଇତିକି ରଖିଥିଲେ। ହେଲେ କେତେଦିନ ଆଉ ଏମିତି ବିତିବ। ଝିଅଟିଏ ହୋଇ ଜନ୍ମନେବା କଣ ପାପ ? ସବୁଦିନ ଏକଥା ଭାବି କେତକୀର ମାଆ ଲୁହ ଗଡ଼ାଉଥିଲେ। ସମୟ ଆଗେଇ ଚାଲିଥାଏ , ଦିନେ ଏକୁଟିଆ ରାସ୍ତାରେ ଚାଲୁଥିବା ସମୟରେ କେତକୀ ଦେଖିଲା ରାସ୍ତା କଡ଼ କେନ୍ଦୁ ଗଛରେ ଫଳିଥିବା କେନ୍ଦୁ ଫଳକୁ । ହଳଦୀ ଗୁରୁ ଗୁରୁ କେନ୍ଦୁକୁ ଦେଖି ସେ ଆଉ ରହି ପାରିଲା ନାହିଁ । ପେଟର ଭୋକ ସମ୍ଭାଳି ନପାରି ସେ ଚଢ଼ି ଯାଇଥିଲା ଗଛ ଉପରକୁ ଆଉ ୫ଟି କେନ୍ଦୁ ତୋଳି ନିଜ ସାର୍ଟ ପକେଟରେ ଭର୍ତ୍ତି କରିଥିଲା । ଠିକ୍ ଏହି ସମୟରେ ଗଛତଳୁ ଶୁଭିଲା କଠୋର ବାଣୀ " ଆଲୋ ହତଲକ୍ଷ୍ମୀ ,ଡାହାଣୀ, ପିଶାଚିନୀ , ତୋର ଏତେ ବଡ଼ ସାହସ " ତୁ ମୋ ଗଛକୁ ମାରା କଲୁ । ତଳେ ଛିଡ଼ା ହୋଇଥିଲା ସୁକୁନା ତାଣ୍ଡି ଯିଏ ସେହି କେନ୍ଦୁ ଗଛର ମାଲିକ । କେତକୀ ଭୟରେ ଥରି ଥରି ଗଛରୁ ତଳକୁ ଓହ୍ଲାଇଲା । ତଳକୁ ଆସି କିଛି କହିବା ଆଗରୁ ତା ଉପରେ ବର୍ଷିଥିଲା ମାଡ଼, ବିଧା, ଗୋଇଠା ,ଚାପୁଡ଼ା । ସତେ ଯେମିତି ସେଦିନ ସେ ମଣିଷ ମାରିଥିଲା । ସୁକୁନା ହିତାହିତ ଜ୍ଞାନ ଭୁଲି ଯାଇଥିଲା । ମାରି ମାରି କେତକୀର ପିଠିରେ ନୋଳା ଫଟେଇ ଦେଇଥିଲା । କଷ୍ଟ ଓ ଯନ୍ତ୍ରଣାରେ କେତକୀ ଘରକୁ ଫେରିଲା । ମାଆ କେତକୀର ଅବସ୍ଥା ଦେଖି ବହୁତ୍ କାନ୍ଦିଲେ । ହେଲେ ବାପା ଓ ବୁଢ଼ୀ ମାଆର କିଛି ବି ପ୍ରତିକ୍ରିୟା ନଥିଲା । ଓଲଟି କେତକୀକୁ ଅଶୁଭ , ଅଲକ୍ଷଣୀ , କାଳ ନାଗୁଣୀ କହି ସେମାନେ ଗାଳି ବି ଦେଇଥିଲେ । ମାଡ଼ ଖାଇ କ୍ଷତାକ୍ତ

ହେବାପରେ କେତକୀର ଶରୀର ଅସୁସ୍ଥ ହୋଇପଡ଼ିଲା । କେହିବି ଔଷଧଟିଏ ଆଣିକି ଦେଲେନାହିଁ । ଅଶୁଭ ଅଭିଶପ୍ତ ପାଖକୁ କିଏ ବା ଆସିବ ।ଡାକ୍ତରଖାନା କଥା ନକହିବା ଭଲ । ବିଚାରୀ କେତକୀର ମାଆ ଆଉ କଣ ବା କରି ଥାଆନ୍ତେ । ନିଜ ଭାଗ୍ୟକୁ ନେଇ ନିରବ ରହିଲେ । ହଠାତ୍ ଦିନେ ସନ୍ଧ୍ୟା ସମୟରେ ଆକାଶରେ ଘୋଟି ଆସିଲା କଳା ହାଣ୍ଡିଆ ମେଘ , ବିଜୁଳିର ଚକ୍ ଚକ୍ ସାଙ୍ଗକୁ ଘଡ଼ଘଡ଼ିର ଗର୍ଜନରେ ଚତୁର୍ଦ୍ଦିଗ କମ୍ପିଲା । ଯନ୍ତ୍ରଣା ଜର୍ଜରିତ ଶରୀରକୁ ଧରି ଶେଯ ଉପରେ ପଡ଼ି ରହିଥିଲା କେତକୀ । ଠିକ୍ ଏହି ସମୟରେ ଏକ ଅଜଣା ଦିଗରୁ ସୁ ସୁ ଗର୍ଜନ ଛାଡ଼ି ମାଡ଼ି ଆସିଲା ତୁଫାନି ପବନ ଆଉ ସେ ପବନର ମାଡ଼ରେ କେତକୀର ଜୀବନ ଦୀପ ସବୁଦିନ ପାଇଁ ଲିଭିଗଲା । ନୂଆକରି ପରିଚୟ ଖୋଜୁଥିବା ଅଭିଶପ୍ତ ଭ୍ରୁଣଟି କାଳ କୋଠରୀରେ ସମାଧି ନେଇସାରିଥିଲା । କଣ ବା ଭୁଲ ଥିଲା ତାର । ଗରିବ କୁଡ଼ିଆରେ ଜନ୍ମ ନେବା ନା ଏକ ଅନ୍ଧ ମାନସିକତାରେ ବାନ୍ଧିହୋଇ ରହିବା । କେତକୀର ମୃତ୍ୟୁରେ କେହିବି ମନଦୁଃଖ କରୁନଥିଲେ , କାହା ଆଖିରୁ ଠୋପାଏ ଲୁହ ବହି ନଥିଲା । ବରଂ ମରିଗଲା ପରେବି କେତକୀର ଶବକୁ କେହି ଦାହ କରିବାକୁ ଆସିଲେ ନାହିଁ । କାରଣ ସମସ୍ତେ ଭାବିଲେ ଯେ ତା ଶରୀରକୁ ଛୁଇଁଲେ ପାପ ଲାଗିବ । ଏମିତି ହିଁ ଅଦିନରେ ଫୁଟିଥିବା ଫୁଲଟି ଶେଷରେ ଅନ୍ଧ ବିଶ୍ବାସର ବିଷରେ ମଉଳି ଗଲା । ମାଆ ବୁକୁ ଫଟାଇ କାନ୍ଦୁଥିଲେ ଆଉ ଈଶ୍ୱରଙ୍କୁ ମନେ ମନେ କହୁଥିଲେ ଆଉ କୌଣସି ଗରିବ କୁଡ଼ିଆରେ କେବେବି କୌଣସି ଅଭିଶପ୍ତ କେତକୀକୁ ଜନ୍ମ ନ ଦେବା ପାଇଁ ........।

*ରାଜେଶ୍ ରାୟ*
*କନିଷ୍ଠ ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ ବିଭାଗ*
*ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର, କୋରାପୁଟ*
*ମୋବାଇଲ୍:- ୬୩୭୧୫୫୫୯୪୦*
***Email:- rajeshvidwan2020@gmail.com***

# ବଡ଼ ଦେଉଳିଆ ବନ୍ଧୁ



ବନ୍ଧୁ ତୁମକୁ ମୁଁ ଦେଖିନାହିଁ ଭାବନାରେ ଯାହା ଆଙ୍କିବସିଛି
କ୍ଷମାକର ବନ୍ଧୁ ଯିବି ବହୁଦୂର ,,
ତୁମେ ରୁହ ତୁମ ଶରଧାବାଲିରେ ଶ୍ରୀକ୍ଷେତ୍ର ଧାମରେ
ମୁଁ ଯିବି ବନ୍ଧୁ ସ୍ୱର୍ଗପୁର ।।
ତୁମେ ଥାଅ ବନ୍ଧୁ ଲକ୍ଷ୍ମୀ ସହ ତୁମ ସହୋଦର ସାଥେ
ମୁଁ ଚାଲିଯିବି ଆରପୁର ,,
ଖୋଜିପାଇବନି ମୋର ବଡଦେଉଳିଆ ବନ୍ଧୁ
ଯିବି ଚାଲି ସତେ ହୋଇ ସ୍ୱାର୍ଥପର ।।
ମହାପ୍ରସାଦରୁ ଖାଇବାକୁ ମୁଠେ ମୋର ନାହିଁ ବନ୍ଧୁ ସାମର୍ଥ୍ୟ
ଅଭାବୀ ମଣିଷ ତୁମ ସଖା ବନ୍ଧୁ ,,
ସ୍ୱର୍ଗଦ୍ୱାରେ ବନ୍ଧୁ ଜଳିବାକୁ ଇଚ୍ଛା ଛଖଣ୍ଡି କାଠର ଲୋଡ଼ା
ଲଙ୍ଘି ପାରୁନାହିଁ ଏ ଅଭାବର ସିନ୍ଧୁ ।।
ବାଟ ସରିଗଲା ବନ୍ଧୁ ଅଧାବାଟେ ଚାଲିବାକୁ ଆଉ ବେଳ ନାହିଁ
ସରିଆସିଲାଣି ବନ୍ଧୁ ବେଳ ,,
ସବୁ ଦୋଷ ମୋର କ୍ଷମା କର ବନ୍ଧୁ ଭାବି ଏକ ବିନ୍ଦୁ
ହାତଠାରି ଡ଼ାକେ ମୋତେ କାଳ ।।

*ଆର୍ଯ୍ୟ ଦାସ*
*ଠିକଣା -ସପ୍ତଶଯ୍ୟା, ଢେଙ୍କାନାଳ*
*ମୋ -୮୧୪୪୫୬୨୮୯୧*

# ସ୍ୱାଧୀନତାର କଳା ଅଧ୍ୟାୟ

ସ୍ୱାଧୀନତା ର ଆମେ ବାର୍ତ୍ତା ଦେଉଥାଉ,
ଆମ ଦେଶ ମହାନ୍ ' ବୋଲି ସମସ୍ତଙ୍କୁ କହୁ,
ହେଲେ ହିଂସା ଆଗେ ଆମେ ଚୁପ୍ କାହିଁ ରହୁ,
ସବୁ ନିର୍ଯାତନା ମଥା ପାତି ସହୁ?
ରକ୍ଷକ ଏଠି ଭକ୍ଷକ ସାଜି ଯେବେ କରୁଛନ୍ତି ଅନ୍ୟାୟ,
ନିର୍ଭୟା, ଅଭୟା, ଇତିଶ୍ରୀଙ୍କୁ କଣ ସତରେ ମିଳିଛି ନ୍ୟାୟ?
ଧର୍ଷଣ କଲା ମାରିବି ଦେଲା
ହେଲେ ଚିନ୍ତାଧାରା ବଦଳି ନାହିଁ ।
ସ୍ୱର୍ଗରେ ଥାଇ ନିର୍ଭୟା ଭାବୁଛି କି
ଭାରତେ ଆଉ ଜନମିବି ନାହିଁ।
ପୁରୁଷତ୍ୱ ଆଳରେ ପଶୁ ପାଲଟିଛି
ଚାଲିଛି ନାରୀ ଚରିତ୍ର ସଂହାର।
ନାରୀର ଶରୀରରୁ ଜନ୍ମ ହେଇକି ବି ,କରୁଛି ସେ ବଳାତ୍କାର।
ବାସନା ଟିକକ ମେଣ୍ଟାଇବା ପାଇଁ ନାରୀ ଏଠି ନିର୍ଯାତିତା।
ଦେଶ ସିନା ସ୍ୱାଧୀନ ହେଇଛି ହେଲେ ,ଏ କିଭଳି ସ୍ୱାଧୀନତା?
ପାଶବିକତା ନିଆଁରେ ଦେଶ ମୋ ଜଳୁଛି,
ଜଳୁଛି ଭାରତ ମାଆ ର ହୃଦୟ।
ସ୍ୱାଧୀନତା ନୁହେଁ ଏ ତ କେବଳ ଯାହା
ସ୍ୱାଧୀନତା ର କଳା ଅଧ୍ୟାୟ।।

*ସପ୍ତର୍ଷି ନାୟକ*
*ଗବେଷକ(ପଦାର୍ଥ ବିଜ୍ଞାନ), ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*
*ଭ୍ରାମ୍ୟଭାଷା -୮୨୪୯୯୯୭୬୭୭*

# ଅଭାଗିନୀ

ଅଭାଗିନୀଟିଏ  ଆଶା ବାନ୍ଧିଥିଲି
ଜଗତ କଲ୍ୟାଣ ପାଇଁ
ଏଜିବନ ମୋର  ସେବାରେ ସମର୍ପି
ଜୀବନ ସାରିବି ମୁହିଁ ।।
ବଣମଲ୍ଲି ହୋଇ  ବଣରେ ଝରିଲେ
କି ଅବା ସାର୍ଥକ ତାର
ତୁଳସୀ ହୋଇମୁଁ  ବାସରେ ମୋହର
ମୋହି ମନ ସଭିଙ୍କର।।
କେତେ ବାଧା ବିଘ୍ନ  ଆଡେଇ ପାଦରେ
ଆସିଲି ଏରୁଣ୍ଡି ଡେଇଁ
ଜୀବନ ସାର୍ଥକ  ହୋଇଲା ମୋହର
ତୁଳସୀ ପତ୍ରଟେ ହୋଇ।।
ଜୀବଦାତା ବୋଲି  ସଭିଏଁ କହିଲେ
ଆନନ୍ଦେ କୁରୁଳେ ମୁହିଁ
ସେବାଲାଗି ମୋର  ଜୀବନ ଯେ ଯାଉ
ଶପଥ କରିଲି ତହିଁ ।।
ପ୍ରତିଦିନ ମୋର  ଆନନ୍ଦରେ କଟେ
ଦୁଃଖି ମୁଖେ ସୁଖ ଦେଖି
ଭାବିଲି ଏମୋର  ରାମର ରାଇଜ
ବିଷର କଣିକା ଚାଖି ।।

କିଏ ଜାଣିଥିଲା  ଏସବୁଜେ ମାୟା
ଭଦ୍ରାମିର ମୁଖା ତଳେ
କିଏ ଜାଣିଥିଲା  ରାମର ରାଇଜ
ସପନ ଯେ କାଳେକାଳେ ।।
ସତ୍ୟର ଯୁଗରେ  ସୀତାଭଳି ସତୀ
ଅଗ୍ନିରେ ଯେ ଝାସ ଦେଲେ
ସେଥିପାଇଁ ବୋଧେ  ଏକଳି ରାଇଜେ
ନାବାଳିକା ଜୁଇ ଜଳେ ।।
କେତେ ଆଶାନେଇ  ଆସିଥିଲା ସେ ଯେ
ଆଖିଏ ସ୍ୱପ୍ନ ସେ ନେଇ
ମିଳେଇ ଗଲାକି  ପାଣିର ଫୋଟକା
ଥିଲା କିଛି କ୍ଷଣପାଇଁ ।।
ନିଜ କର୍ମସାରି  ବିଶ୍ରାମ ଲୋଡ଼ନ୍ତି
ଯେ ଯାହାର ବାସେ ଯାଇ
ମୁଁ କି ଅଭାଗିନୀ  ଭୁଲ୍ କରିଦେଲି
କାଳ କୋଠରୀରେ ରହି ।।
କିଏ ଜାଣିଥିଲା  ଜୀବନର ଶେଷ
ଏମିତି ବି ହୋଇପାରେ
କିଏ ଜାଣିଥିଲା  ରାକ୍ଷସ ଯେ ଲୁଚେ
ଭଦ୍ରାମୀ ର ମୁଖାତଳେ।।
ମାଡ଼ି ଆସିଥିଲା  ଅଦିନରେ ଝଡ଼
ଅନ୍ଧାର କୋଠରୀ ତଳେ

ସରିଯାଇଥିଲା   ଜୀବନର ସବୁ
ରାକ୍ଷସଙ୍କ କବଳରେ।।
ଛାଡ଼ଛାଡ଼ ବୋଲି  ଚିତ୍କାର ଯେ କଲି
ମୋ କାନ୍ଦ ଶୁଣିଲେ ନାହିଁ
ଗୋଡ଼ହାତ ବାନ୍ଧି  ଶୋଷି ନେଇଗଲେ
ରାକ୍ଷସ ଦଳ ଯେ ସେହି ।।
ସବୁ ସରିଗଲା   କାଳର ରାତିରେ
କଳଙ୍କିନି ହେଲି ମୁହିଁ
ଯୁଗେଯୁଗେ ନାରୀ   ପୂଜ୍ୟର ପଦବୀ
ସ୍ୱାଧୀନ ଭାରତେ କହି ।।
ସ୍ୱାଧୀନ ହୋଇବି   ପରାଧୀନ ଆମେ
ଦୋଷୀ ବୁଲେ ନିର୍ଦ୍ଦୋଷରେ
ଏଇତ ଆମର    ସ୍ୱାଧୀନ ଭାରତ
କୁହ ସବୁ ଗରବରେ ।।
ବନ୍ଦ କରିଦିଅ    ପ୍ରହସନ ସବୁ
ପରାଧୀନ ଭାରତରେ
ସ୍ୱାଧୀନ ପାଳିବ    ସେହିଦିନ ତୁମେ
ଯୁଗଜୟୀ ଭାରତରେ ।।
ଯେଉଁଦିନ ତୁମ    ମାତୃ ଯେ ଭଗିନୀ
ଚାଲିବେ ରାଜ ରାସ୍ତାରେ
ଅନ୍ଧାର ରାତିରେ    ଏକା ଚାଲିଯିବେ
ବିନା ଭୟେ ସ୍ୱପଦରେ ।।

ନାରୀ ଯେ ମମତା    ନାରୀ ଯେ ଗୃହିଣୀ
ନାରୀ ପୁଣି ନାରାୟଣୀ
ସୁରକ୍ଷା କବଚ    ସାଜରେ ପୁରୁଷ
ନାରୀ ତୁମ ସୃଷ୍ଟିକାରିଣୀ ।।
ହେନାରୀ ଜଗତ    ହୁଅରେ ସମର୍ଥା
ନିଜର ଲଢେଇ ପାଇଁ
ତୁମେ ସୃଷ୍ଟିକାରୀ    ତୁମେ କ୍ଷୟକାରୀ
ପଛ ଘୁଞ୍ଚା କାହିଁପାଇଁ ।।
ଯେଉଁଦିନ ତୁମେ    ନିଜର ଲଢେଇ
ପାରିବ ଯେ ନିଜେ ଲଢି
ସେହିଦିନ ଠାରୁ    ବଣମଲ୍ଲି ଆଉ
ବଣରେ ନଯିବ ଝଡି.......
ବଣରେ ନଯିବ ଝଡି..........।।

*ପିଙ୍କିନା ବିଷୋୟୀ*

*ଲକ୍ଷ୍ମଣପୁର, ଖଲ୍ଲିକୋଟ, ଗଞ୍ଜାମ*

# ତୁ ପରା ମାଆ



ବିନା ବେତନରେ ତୋର ପରିଶ୍ରମ
ସୂର୍ଯ୍ୟୋଦୟୁ , ସୂର୍ଯ୍ୟାସ୍ତ ଯାଏଁ ,
କେବେ ତୁ ଖାଉ କେବେ ତୁ ପିଉ
କାହାକୁ ଜଣା ନଥାଏ।(୧)

ବିଧାତା କାହିଁକି ପରିବାର ଭାର
ଲଦିଦେଲା ତୋ ମୁଣ୍ଡରେ,
କେବେ ଅଭିଯୋଗ ଶୁଣିନୁ ତୋ ଆମେ
ଥରୁଟିଏ ତୋର ତୁଣ୍ଡରେ।(୨)

ମାତୃତ୍ୱର ମୂଲ୍ୟ ନୁହେଁ ଯେ ସହଜ
ଗର୍ଭେ ଧରୁ ଦଶମାସ,
ଜନ୍ତ୍ରଣାର ଲୁହ ପିଇଯାଉ ଲୁଚି
ଭୁଲିଯାଉ ଭୋକ ଶୋଷ।(୩)

ମମତା ବୁକୁରେ ବାନ୍ଧିଛୁ ଆମକୁ
ନିସ୍ୱାର୍ଥ ତୋର ଏ ଆଶା ,
ମାତୃତାର ଡେଣା ଖୋଲି ସାହା ହେଲୁ
ସଜାଡି ଜୀବନ ବସା।(୪)

ମାଆ ତୋ ମମତା ଶାଶ୍ୱତ କବିତା
ଚିର ଦିନ ରୁହେ ମନେ,
ପରିଶ୍ରମ ତୋର ଦୁନିଆଁ ଟା ଜାଣେ
ସଭିଙ୍କର ଚିତ୍ତ ଜିଣେ।(୫)

ସଳିତା ସାଜି ତୁ ନିଜେ ଜଳି ଜଳି
ଆଲୋକିତ କଲୁ ଆମକୁ,
ତୁ ଥିଲେ ପାଖେ ଆଉ ଅବା କାହିଁ
ମୁଁ ଯିବି ଅନ୍ୟ ଧାମକୁ।(୬)

ଜୟନ୍ତ ଦାସ ପ୍ରଫୁଲ୍ଲ
ଥାଳସଡା, ବାଲେଶ୍ୱର
ମୋ - ୮୪୫୫୮୭୭୨୭୬

# ବୁଢ଼ାରଜା ଦଶହରା

ବିରିମାନ ଘାଟି ତଳେ ଅଛେ ମନ୍ଦିର ।
ପୂଜା ପାଇ ଥାଆନ୍ତି ପ୍ରତି ଶନିବାର ।।
ଆସି ଯାଇଛେ ଇ ବଛର ଦଶହରା ।
ଦେଖିବାକୁ ଆସ ବୁଢ଼ାରଜା ଯାତ୍ରା ।।

କେତେଦୂରୁ ଲୋକ ଦେଖି ଆଏସଁନ ।
ପୂରଣ ହେସି ଲୋକର ସପନ ।।
ବାଟ ନେଇ ପଡେ ଆଏଜ ଖାଲି ।
ହାଟେ ଲୋକର କେତେ ଗହଲି ।।

ଗଦା ଗଦା ସେମଲିଆ କନ୍ଦା ।
ସକାଳେ ପୂଜା ସଞ୍ଜେ ଲାଖ ବିନ୍ଧା ।।
ଆଏସି କିନ ବଛର ମିନା ବଜାର ।
ଲୋକ ଆଏସଁନ ହଜାର ହଜାର ।।

ଦୁଃଖର ବେଲେ ହେସ ତମେ ସାହା ।
ଭୋଗ କିଏ ଦେସି ରକ୍ତ କିଏ ମହାଁ ।।
ତମେ ହେଉଛ ସବକର ବୁଢ଼ାରଜା ।
ଆମେମନେ ସବୁ ହେଲୁଁ ତମର ପ୍ରଜା ।।

ଆସେ ଲେଟକୁଟି ମହୁରୀ ନାଙ୍ଗରା ।
ଦୁଲକି ଯେସି ରାତି ନାଟ ଘୁମୁରା ।।
ସବକେ ଲୋକକେ ରକିଥା ବନେ କରି ।
ଏତିକି କହୁଛେଁ ତୋକେ ମୁଣ୍ଡିଆ ମାରି ।।

*ସଞ୍ଜୟ ନାଏକ*
*ରଏନଗୁଡା, କୋକସରା, କଲାହାଂଡି*
*ମୋ-୮୨୬୦୪୩୮୨୭୩*

# କଥା ଦେଇଥିଲ



କଥା ଦେଇଥିଲ ଆସିବ ହେଇଟି
ଶ୍ରାବଣୀର ଗପ ହୋଇ,
ସେପାଇଁ ହଜିଲି  ମୋ ଭିତରେ ମୁହିଁ
ତମ ଚାହାଣୀକୁ ଛୁଇଁ ।

କଥା ଦେଇଥିଲ ବିଜନ ବେଳାରେ
ଭିଜିବାକୁ ବରଷାରେ,
ମନ ଆକାଶରେ  ତୋଳିବାକୁ ସୁର
ଇନ୍ଦ୍ରଧନୁ ଇସାରାରେ ।

କଥା ଦେଇଥିଲ  ସଖୀ ମୋ ହୋଇକି
ଚାଲୁଥିବ ସାଥେ ସାଥେ,
ନବ ଉନ୍ମାଦନା ରଙ୍ଗ ବୋଳୁଥିବ
ନୀଳ ସାଗରର ସ୍ରୋତେ ।

କଥା ଦେଇଥିଲ ଜୀବନେ ଆସିବ
ହୋଇ ସପନର ଢେଉ,
ନଈଗୀତ ଗାଇ ମୋ ହୃଦୟ ଛୁଇଁ
ପାଲଟିବ ପ୍ରୀତି ମହୁ ।

କଥା ଦେଇଥିଲ ମୋତେ ଫେରାଇବ
ଗୋଲାପୀ ଓଠର ହସ,
କେମିତି ପାରିଲ ଦୂରେ ରହି ତୁମେ
ଭୁଲି ପ୍ରଣୟର ଶୋଷ?

କଥାରେ କଥାରେ ସିନା ରହିଗଲା
ରଙ୍ଗଭରା ଅନୁରାଗ,
କିନ୍ତୁ ଅନ୍ତରର ଦୀପ ସେ ଜଳୁଛି
ଭରି ମିଠା ବଇଭବ ।

*ସୁଜିତ କୁମାର ମିଶ୍ର*
*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ -୭୭୮୩୮୭୭୭୪୨*

# ବୟସ ନଦୀର ତୀରେ



ଅଳସୀ ରାତିର ବିଳାସୀ ସପନ
ଅମିୟ ପୁଲକ ତୋଳେ
ରୂପ ଚନ୍ଦ୍ରିକାର ରୋମାଞ୍ଚିତ ଧାରା
ବୟସର ଆଢୁଆଳେ
ସପନର ଫୁଲ ଝରେ
ପ୍ରୀତି ପାରିଜାତ ପ୍ରଣୟ କୁଞ୍ଜରେ
ନୀଳ ସମ୍ମୋହନ ଭରେ
ଏଇ, ବୟସ ନଦୀର ତୀରେ ।।

ସାଉଣ୍ଟୁ ଥିଲି ମୁଁ ସୁଧାମୟ ମଧୁ
ସ୍ୱପ୍ନ ଭିଜା ରଜନୀରେ
ପ୍ରୀତି ସୁଧା ଖୋଜେ ମନ ପ୍ରଜାପତି
ପ୍ରିୟା ଓଠ ଧାରେ ଧାରେ
ମିଠା ସପନର ପୁରେ
ସପନ ସୁନ୍ଦରୀ ମହକ ମାଧୁରୀ
ମନ ଆନମନା କରେ
ଏଇ, ବୟସ ନଦୀର ତୀରେ ।।

ଲାବଣ୍ୟବତୀର ରୂପ ପସରାରେ
ଅମାନିଆ ପ୍ରୀତି ଛନ୍ଦ

ଭିଜା ନିଶିଥ ର ମାଧୁର୍ଯ୍ୟ ମଧୁରେ
ଝରୁଥିଲା ମକରନ୍ଦ
ପ୍ରୀତିମୟ ଉପଚାରେ
ମନ ଝୁମିଯାଏ ମୋହିନୀ ମାୟାରେ
ଅଳକାନନ୍ଦାର ଧାରେ
ଏଇ, ବୟସ ନଦୀର ତୀରେ ।।

ମନ ମଧୁଶାଳା ପୀରତି ଉଛୁଳା
ମୁକୁଳା ଯୌବନ ବନେ
ମାତବରୀ ଏଇ ବୟସ ଝୁମଇ
ପ୍ରିୟା ପ୍ରୀତି ସୁଧା ପାନେ
ପ୍ରେମ ରଙ୍ଗ ଅଭିସାରେ
ସପନ କୁଞ୍ଜର ରେଶମୀ ଶେଯରେ
ପ୍ରୀତି ପଦ୍ମରାଗ ଝରେ
ଏଇ, ବୟସ ନଦୀର ତୀରେ ।।

ସପନେ ସପନେ ମନ ଉପବନେ
ମତୁଆଲା ପ୍ରୀତି ନିଶା
ଖୋଲିଗଲା ଯହିଁ ନୟନ ପେଟିକା
ମଉଳିଲା ସ୍ୱପ୍ନ ଆଶା
ପ୍ରିୟା ମୋ ରହିଲା ଦୂରେ
ବିରହ ବ୍ୟଥାରେ ବିଦୀର୍ଣ୍ଣ ବୁକୁରେ
ବେଦନା ଲହରି ମାରେ
ଏଇ, ବୟସ ନଦୀର ତୀରେ ।।

ବୟସ ନଦୀର ତୀରେ ମୁଁ ଖୋଜଇ
ପ୍ରିୟା ମୃଦୁ ପାଦ ଚିହ୍ନ
ବିତିଗଲା ମୋର ରୂପରୁ ବୟସ
ଉଜୁଡିଲା ଯଉବନ
ପିଆସୀ ପରାଣ ଝୁରେ
ମାନସେ ପ୍ରିୟାର ରୂପ ଚିତ୍ର ଆଙ୍କେ
ସପନର ବାଲି ଘରେ
ଏଇ, ବୟସ ନଦୀର ତୀରେ ।।

*ବେଣୁଧର ସୂତାର*
*କେଶଦୁରାପାଳ, କେନ୍ଦୁଝର*
*ଦୂରଭାଷ-୯୧୭୮୫୬୮୨୪୬*

# ଅନ୍ଧକାର



ସୂର୍ଯ୍ୟ ତାଙ୍କର ସବୁଦିନିଆ କର୍ତ୍ତବ୍ୟ ପାଳନ କରି ନିଜ ମା କୋଳକୁ ଫେରିଯାଆନ୍ତି। ତାଙ୍କ ପରେ ପରେ ସନ୍ଧ୍ୟା ଦେବୀ ନିଜ ଛାୟା ମେଲାନ୍ତି। ଗୋଧୂଳି ଧୂଆଁ ରେ କେତେବେଳେ ଯେ ରାତ୍ରି ର ଅନ୍ଧକାର ମାଡି ଆସି ଅନ୍ଧାର କରିଦିଏ ସାରା ପୃଥିବୀକୁ ଆଖି ପିଛୁଳାକେ। ଚନ୍ଦ୍ରମା ର ଶୀତଳ ଛାୟାରେ କିଛି ଟା ଆଶ୍ୱସ୍ତିକର ମିଳିଥାଏ ସତ, ହେଲେ ଏଇ କିଟିମିଟି ଅନ୍ଧାର ର ରାଜୁତି କୁ ଘୋଡାଇ ପାରେ ନାହିଁ। ପ୍ରାୟତଃ ଏଇ ଅନ୍ଧାରିଆ ରାତିରେ ଚଳପ୍ରଚଳ କରିବାକୁ ବିଶେଷ କେହି ପସନ୍ଦ କରନ୍ତି ନାହିଁ। ଆଉ ଯେବେ ଠାରୁ ଲୋକ କୁହା ଡର ଟା ଗାଁ ସାରା ଶୁଭିଛି ସେବେଠୁ ; ଛୁଆ କଣ, ବୁଢ଼ା କଣ, ହଟା କଟା ଭେଣ୍ଡିଆ ଗୁରା ବି ବେଳ ଥାଉ ଥାଉ ଯେଝା ଯେଝା କାମ ପାଇଟି ସାରି ଘରର ତାଟି କବାଟ କିଳି ଦେଇଥାଆନ୍ତି। କିଟିକିଟି ଅନ୍ଧାର ରେ କୀଟ ପତଙ୍ଗ ର କିଁ କିଁ ସୁର ଗୁରାକ ମନରେ ଗୋଟେ ଅଜଣା ଭୟ ମାଡି ବସେ। ଚାରିଆଡ ଶୂନଶାନ ଭିତରେ ବିକଟାଳ ଶବ୍ଦ ଗୁରା ପବନ ରେ ଫଁ ଫଁ ଘୂରି ଯାଏ। ଗାଁ ଯାକ ଲୋକ ଯେତେବେଳେ ଗୋଟିଏ ଦିନ ର ସମାପ୍ତି ଗଣି, ନୂତନ ଦିନର ଆଗମନ ପାଇଁ ଶୋଇଯାଇ ଥାନ୍ତି, ସେତେବେଳେ ମୀନା ଆଖି ରେ ନିଦ ନଥାଏ। ଜୀବନ ରେ ଟିକିଏ ଶାନ୍ତି ପାଇବା ପାଇଁ ସେ ଯେଉଁ ବାଟ ଆପଣେଇ ଥିଲା, ସେଇ ବାଟ ସାରା ଯେ ଏତେ ଯନ୍ତ୍ରଣା ବି ଥାଇପାରେ ତାକୁ ଜଣା ନଥିଲା। ଯେଉଁ ଅନ୍ଧକାର କୁ ଡରି ସେ ଜୁଇ ର ନିଆଁ ରେ ଡେଇଁ ପଡିଥିଲା, ସେଇ ନିଆଁ ର ଆଗେ ଯେ ଏତେ ଅନ୍ଧାର ଥିବ ସେ କେମିତି ଜାଣିବ?

କଅଁଳିଆ ବୟସ ରେ ଚୁଲବୁଲି, ଚଳଚଞ୍ଚଳ ମନ ଟା ରେ ଅସୁମାରି ଆବେଗ ର ଧାରା କୁ ରୋକି ନପାରି ସମୟ ଆଗରେ ହାରି ଯାଇଛି ମୀନା। ଆଜି ସେ ନିଜକୁ ନିଜେ

ପ୍ରଶ୍ନ ପଚାରୁଛି, ଏମିତି ତାକୁ କଣ ପାଇବାର ଥିଲା ଯେ ସବୁକିଛି ହରେଇଲା ପରେ ବି କିଛି ପାଇ ପାରିଲା ନାହିଁ। ତା ଜୀବନ ରେ ଯେଉଁ ଅନ୍ଧାରମୟ କୁହୁଡ଼ି ଛାଉଣୀ ହେଇ ଯାଇଥିଲା, ତା ପାଇଁ ଦାୟୀ କଣ ସେ ନିଜେ? ମୀନା, କିଏ ଏଇ ମୀନା ? ମୀନା କୁ ଜାଣିବା ପାଇଁ ଆମେ ତାର ଅତୀତକୁ ଜାଣିବାକୁ ପଡିବ ।

ପୃଥିବୀର ବିଶାଳତା ରେ ଏକ ଛୋଟ ଗ୍ରାମର ଅଧିବାସୀ ହେଉଛନ୍ତି (ବସନ୍ତ ଦାସ) , ପତ୍ନୀ (ଗୀତା ଦାସ) । ମୀନା ହେଉଛି ତାଙ୍କର ଏକମାତ୍ର କନ୍ୟା। ମୀନା ଖୁବ୍ ଚୁଲ୍ବୁଲି ଆଉ ସରଳ। ବୟସର ପ୍ରାଥମିକତା କୁ ଡେଇଁ, ଅଗ୍ରଗାମୀ ମଧ୍ୟାହ୍ନରେ ପାଦ ଥାପି ଥାଏ ସେ। ବୟସର ଏ ପର୍ଯ୍ୟାୟଟା ତ ଚଳଚଞ୍ଚଳ! ମୀନା ସେଥିରୁ ବାଦ୍ ପଡିବ କିପରି।

ମାଟ୍ରିକ ପରୀକ୍ଷାରୁ ଉପଯୁକ୍ତ ନମ୍ବରରେ ପାସ୍ କରିବା ପରେ, ଉଚ୍ଚଶିକ୍ଷା ପାଇଁ ସାଙ୍ଗ ମାନଙ୍କ ପରି ମୀନା ମଧ୍ଯ ବିଶ୍ବ ବିଦ୍ୟାଳୟରେ ନାଁ ଲେଖିବାକୁ ବାପାଙ୍କ ଆଗରେ ଜିଦ୍ ଧରିଲା। ଝିଅର ସବୁ ଇଚ୍ଛାକୁ ପୂରା କରିଥିବା ବାପା, ନିଜର ଆର୍ଥିକ ଅନଟନ ସତ୍ତ୍ବେବି ଝିଅର ଇଚ୍ଛାକୁ ଟାଳିପାରିଲେ ନାହିଁ । ଯେସା ତେସା କରି ମୀନାର ନାମ ଲେଖା ଗାଁ ଠାରୁ ଦୂର ଏକ ବିଶ୍ବ ବିଦ୍ୟାଳୟରେ ହେଲା।

ଏବେ ମୀନା କୁ ନିଜ ବାପା ମାଆଙ୍କ ଛତ୍ର ଛାୟା ତଳୁ ବାହାରି college hostel ରେ ରହିବାକୁ ପଡିଲା। ଯେଉଁଠିକି ତା ପରି ଅନେକ୍ ଝିଅ ଥିଲେ, ଯଉଟାକି ମୀନା କୁ ନିଜ ବାପା ମାଆଙ୍କର କମି କୁ ପୂରଣ କରିବାରେ ଲାଗିଲା।

କିନ୍ତୁ ଏପଟେ ବସନ୍ତ ବାବୁଙ୍କ ପାଇଁ ଝିଅଠୁ ଦୂରେଇ ରହିବା ଟିକେ କଷ୍ଟ ଦାୟକ ଥିଲା । ଆଜିର ଅମାନୁଷିକତା ସମାଜରେ, ବଢିଲା ଝିଅଟା କୁ ବାହାରେ ଛାଡି କେଉଁ ବାପା ଆରାମରେ ଶୋଇ ପାରିବ। ତଥାପି ସବୁ ବାପାମାନଙ୍କ ପରି ଝିଅର ଖୁସି ପାଇଁ ସବୁ ବ୍ଯବସ୍ଥା କରିଆସିଲେ ବସନ୍ତ ବାବୁ।

ମୀନା, ଆକାଶର ଶୀର୍ଷକୁ ଛୁଇଁ ଯିବା ଯାର ମନ! ଖୁବ୍ କିଛି ଦିନ ଖୋଲା ଆକାଶ ତଳେ ଉଡି ବୁଲିଲା । ଗୋଲାପୀ ଆକାଶର ମେଘମାଳାରେ ନିଜକୁ ଭିଜେଇ ପ୍ରେମର ରଙ୍ଗରେ ନିଜକୁ ରଙ୍ଗେଇବା ପରେ, ଯେତେବେଳେ ଧୋକାର ସଜା ପାଇବାର ସମୟ ଆସେ, ସେଥିରେ ହାରିଯାଏ ମୀନା। ବାଛିନିଏ ଅନ୍ଧକାରମୟ ପଥକୁ। ପ୍ରେମରେ ହାରିଯିବା କଣ ଜୀବନର ଅନ୍ତ...! ଏହାର କଣ କିଛି ସମାଧାନ ନାହିଁ...! ଆଜିକାଲିର ଯୁବପିଢି ତ ପ୍ରେମକୁ ଆତ୍ମହତ୍ଯାର ଜରିଆ ଭାବି ନେଇଛନ୍ତି। ମୀନା ବି ସେଇ ପଥର ଅନୁସରଣ କରିବା ପାଇଁ ବାଧ୍ଯ ହେଲା। ସେ ଚାହିଁଥିଲେ ହୁଏତ ସେଥିରୁ ମୁକୁଳି ଏକ ନୂଆ ଜୀବନ ଗଢି ପାରିଥାଆନ୍ତା, ହେଲେ ମୀନା ହାରିଯାଇ ଅନ୍ଧକାରକୁ ଆପଣେଇ ନେଲା। ହେଲେ ଏ ଦୁଃଖ ଦାରୁଣ କଥାକୁ ଆପଣେଇ ପାରିନଥିଲେ ବସନ୍ତ ବାବୁ। ନିଜକୁ ବାର ବାର ସେ ପ୍ରଶ୍ନ ପଚାରି ଚାଲିଥିଲେ କେଉଁଠି ଭୁଲ ରହିଗଲା ତାଙ୍କର...?

ଝିଅର ଖବର ଅନ୍ତର ରଖନ୍ତି ବସନ୍ତ ବାବୁ। କେବେ କୌଣସି କ୍ଷେତ୍ରରେ ହାର୍ ମାନି ନାହାଁନ୍ତି ସେ। ଯେତେ ବାଧାବିଘ୍ନ ପରିସ୍ଥିତି ଆସୁ ପଛେ, ସେ କେବେ ନିଜ ପରିବାରକୁ ଅଣଦେଖା କରି ନାହାଁନ୍ତି। ମୀନା ତାଙ୍କର ଗୋଟିଏ ଝିଅ ବୋଲି, କୌଣସି କଥାକୁ ଟାଳି ଦେଇନାହାନ୍ତି । ଝିଅ ପାଇଁ ଦୁନିଆର ସବୁ ଖୁସି ଆଣିଦେଇ ଥାଆନ୍ତି ବସନ୍ତ ବାବୁ। ହେଲେ ଏମିତି କଣ ସେ ଦେଇ ପାରିଲେନି ଝିଅକୁ ଯେ, ଝିଅ ସବୁଦିନ ପାଇଁ ଦୂରେଇ ଗଲା। ନିଜ ଜନ୍ମ କଲା ଝିଅର ଅକାଳ ବିୟୋଗରେ ପୂରାପୂରି ଭାଙ୍ଗି ପଡି ଯାଇଛନ୍ତି ଜଣେ ଅସହାୟ ବାପା ବସନ୍ତ ବାବୁ । ଝିଅ ଆଉ ତାଙ୍କର କୋଳକୁ ଫେରିବନି ।ଏବେ ତାଙ୍କ କୋଳ ଖାଲି, କୋଳରେ ପଡି ରହିଛି ଝିଅ ଛାଡି ଦେଇଥିବା ଶେଷ ଚିଠି ଖଣ୍ଡିକ।।

" ଚିଠି "

ବାପା, ମତେ କ୍ଷମା କରିଦେବ। ମୁଁ ବହୁତ ବଡ ଭୁଲ୍ କରିଛି, ଯାହାର କ୍ଷମା ନାହିଁ। ମୁଁ ଚାହିଁଥିଲେ ହୁଏତ ତୁମକୁ କହି ପାରିଥାନ୍ତି, ହେଲେ ମୋର ଏତେ ସାହାସ ନାହିଁ। ତୁମ

ସ୍ବପ୍ନ ମୁଁ ପୂରା କରିପାରିବିନି। ମୁଁ ହାରିଯାଇଛି। ଏ ସମାଜ ଆଗରେ ମୁଁ ରହି ପାରିବିନି। ମତେ କ୍ଷମା କରିଦେବ ବାପା।

"ତୁମ ଝିଅ ମୀନା "

କେତେ ସହଜରେ କହିଦେଇ ଚାଲିଗଲା ମୀନା, ଏତିକି ସାହାସରେ କଣ ଏଇ କଥା ଗୁଡ଼ିକ ସେ ବାପାଙ୍କ ଆଗରେ କହି ପାରିନଥାନ୍ତା। ନିର୍ବିକାର ଭାବେ ଚିଠି ଖଣ୍ଡିକୁ ଚାହିଁ ରହିଛନ୍ତି ବସନ୍ତ ବାବୁ। କଣ ବା କରିପାରିବେ ସେ। ମନରେ ତାଙ୍କର ଖାଲି ଗୋଟିଏ ପ୍ରଶ୍ନ, କଣ ସତରେ ସେ ନିଜ ଛୁଆର ନିଜର ଥିଲେ...?

ମୋର କିଛି ପ୍ରଶ୍ନ,,

କଣ ବାପା, ମା ହେବା ଅପରାଧ ?

କଣ ନିଜ ପିଲାମାନଙ୍କ ଆଖିରେ ସ୍ବପ୍ନ ଦେଖିବା ଭୁଲ୍..? ନିଜର ସବୁକିଛି ବଳିଦାନ ଦେଇ ନିଜ ପିଲାମାନଙ୍କ ମୁଁହରେ ହସ ଭରିବା ଭୁଲ୍। ନାଁ ସ୍ବାର୍ଥବାଦୀ ନ ହେଇ ନିସ୍ବାର୍ଥପର ଭାବେ ନିଜ ପିଲାମାନଙ୍କୁ ଭଲପାଇବା ଭୁଲ୍। ନିଜର ଅଭାବ ଅନଟନର ଜ୍ୟାଳାକୁ ସହ୍ୟ କରି ନିଜ ପିଲାମାନଙ୍କ ସବୁ ଇଛାକୁ ପୂରା କରିବା ଭୁଲ୍ ।

ବାପାମାଆ ହିସାବରେ ସେମାନଙ୍କର କେବଳ ଏତିକି ଇଛା ଥାଏ ଯେ, ଅତୀତର କିଛି ଆଳରେ ସେମାନଙ୍କ ସ୍ବପ୍ନ ପୁରା ଯେମିତି ସ୍ବପ୍ନରେ ରହିଗଲା, ସେମିତି ସେମାନଙ୍କ ପିଲାମାନଙ୍କର ନହେଉ। ଦୁନିଆକୁ ଦେଖି ଦେଖି ପରଖି ନେଇଥିବା ଆଖିଗୁଡିକ ଆମକୁ କେବଳ ଠିକ୍ ବାଟ ତ ଦେଖେଇଥାନ୍ତି ନା। ହଁ ଟିକିଏ ଗାଳି, ମାଡ ତ ଥାଏ, ହେଲେ ଏ ମିଠା ତାଗିଦ୍ ରେ ବହୁତ ଗୁଡାଏ ଭଲପାଇବା ବି ଥାଏ ନା। ନିଜର ଖୁସି ପାଇଁ, ନିଜର ସ୍ବାର୍ଥ ପାଇଁ, ତ ଆଉ କେତେବେଳେ ନିଜର ଭୁଲ୍ ପାଇଁ ଆମେ ସେମାନଙ୍କୁ ଏକା କରି ଦେଇଥାନ୍ତି। ନିଜକୁ ଜାଳି ଜାଳି ଯେଉଁମାନେ ତୁମକୁ ପ୍ରଦୀପ ଦିଅନ୍ତି, ତୁମେମାନେ ସେଇ ପ୍ରଦୀପକୁ ଲିଭେଇଦିଅ। ଥରେ କେବେ ଭାବିଛ, କଣ ବିତୁଥିବ ସେଇ ବାପାମାଆଙ୍କ

ମନରେ, ଯିଏ ବୟସର ଅପରାହ୍ନରେ କେବଳ ତୁମ ସାହାରା ଟିକିଏ ଲୋଡନ୍ତି। ତୁମ ପାଇଁ ହୁଏତ ତୁମ ଜୀବନ ମୂଲ୍ୟହୀନ ହେଇପାରେ ହେଲେ, ଯିଏ ତୁମକୁ ଜୀବନ ଦେବାପାଇଁ ନିଜ ଜୀବନର ଅର୍ଦ୍ଧେକ ଦାନରେ ଦିଅନ୍ତି, ସେମାନଙ୍କ ପାଇଁ ତୁମ ଜୀବନ ଅମୂଲ୍ୟ ହେଇଥାଏ। ନିଜ ପାଇଁ ନହେଲେ ନାହିଁ, ନିଜ ବାପାମାଆଙ୍କ ପାଇଁ ନିଜ ଜୀବନର ମୂଲ୍ୟକୁ ବୁଝ। ଏଭଳି କୌଣସି ବାଟ ଆପଣାଅ ନାହିଁ, ଯେଉଁଥିରେ କେବଳ ତୁମକୁ ଅନ୍ଧକାର ହିଁ ମିଳିବ।

ମୀନା ସିନା ଶାନ୍ତି ପାଇବାର ଆଶାରେ ମୃତ୍ୟୁକୁ ଆପଣେଇ ନେଇଥିଲା,ହେଲେ ସେ ସେଇ ଶାନ୍ତି ଟିକିକ ପାଇଁ ଯେ ସେ ଆତ୍ମା ସାଜି ଘୁରି ବୁଲିବ ଜାଣି ନଥିଲା। ନିଜେ କରିଥିବା ଭୁଲ ପାଇଁ କିଏ ଦୋଷୀ ଖୋଜିବୁଲୁଥିଲା । ଏପଟେ ବସନ୍ତ ବାବୁ ତାଙ୍କ ମନକୁ ହାଲୁକା କରିବା ପାଇଁ ଚେଷ୍ଟା କରୁଥିଲେ ସତ,ହେଲେ ଏତେ ବଡ଼ ଆଘାତକୁ ଭୁଲିଯିବା ସମ୍ଭବ ହୋଇନଥାଏ। ହେଲେ ସବୁ ପରେ ବି ତାଙ୍କୁ ବାକି ଜୀବନ ତ ବଞ୍ଚିବାର ଥିଲା ନା , ସେ ସାତ ଚେଷ୍ଟା ଜାରି ରଖିଥିଲେ ବଞ୍ଚିବା ପାଇଁ।।

(ଏ କାହାଣୀଟି ସମ୍ପୂର୍ଣ୍ଣ ଭାବାତ୍ମକ, ନିଜସ୍ୱ। ଚରିତ୍ରରେ ଥିବା ମୀନାର ଏକ ଭୁଲ୍ ଧାରଣାକୁ ନେଇ ଆତ୍ମହତ୍ୟା କରିଥିବା ଏବଂ ନିଜ ଝିଅର ଅକାଳ ବିୟୋଗରେ ଭାଙ୍ଗି ପଡିଥିବା ବାପାମାଆଙ୍କର ମନର ଚିତ୍କାରକୁ ଗଳ୍ପ ମାଧ୍ୟମରେ ପ୍ରକାଶ କରିବାକୁ ଏକ ପ୍ରଚେଷ୍ଟା। ସବୁପରେ ଆତ୍ମହତ୍ୟା ସମାଧାନର ମାଧମ ନୁେହଁ। ଏହା ଏକ ଆତ୍ମଦୋଷୀ ବା ନିଜସ୍ୱ ପରାଜୟ ଅଟେ। )

*ସସ୍ମିତା ପଣ୍ଡା*
*ବାଙ୍କୀ, କଟକ, ଓଡ଼ିଶା*

# ଶଙ୍କିତ ସପନ

ଆସିଗଲା ଝଡ ଭାଙ୍ଗିଦେଲା ନୀଡ
ଭାଙ୍ଗିଲା ସପନର ଘର ,
ସାଥି ପାଇଁ ଆଜି ହୃଦୟେ ଯନ୍ତ୍ରଣା
ବହେ ଲୋତକର ଧାର ।।

ଦୁନିଆ ବୁକୁରେ ଚାଲିବାକୁ ହେଲେ
କେତେ କଣ୍ଟା କେତେ ଫୁଲ ,
ନିସଙ୍ଗ ଜୀବନେ ପାଇଲି ସାଥିଟେ
ତାକୁ ଛଡେଇନେଲା ଝଡ ।।

ସ୍ୱପ୍ନ ଥିଲା ମୋର ତୋଳିବି ସଂସାର
ବେଦନା ଯହିଁ ନଥିବ ,
କିଏ ଜାଣି ଥିଲା ଅଜଣା ଏ ଝଡ
ସ୍ୱପ୍ନକୁ ମୋ ଭାଙ୍ଗି ଦେବ ।।

ହୃଦୟ ବେଦୀରେ ବସାଇ ତୁମକୁ
ପୂଜୁ ଥିଲି ପୂଜୁ ଥିବି ,
ତୁମରି ପାଇଁକି ଶବରୀ ସାଜି ମୁଁ
ବାଟ ତୁମ ଚାହିଁଥିବି ।।

ଯଦି ବି ଏଝଡ ଦୂରେଇଲା ମୋତେ
କେବେ ନ ଯିବ ଗୋ ଭୁଲି ,
ତୁମ ଜୀବନରେ ଆସିଥିଲି ମୁଁ ଯେ
ପ୍ରିତୀ ବନଟିଏ ତୋଳି ।।

ଝଡ ସିନା ସାଥୀ ଦୂରେଇ ସେ ଦେବ
ଅଲଗା ପାରେ କି କରି ,
ଆମେ ଏକ ବୃକ୍ଷେ ପ୍ରେମଶାଖା ପରା
ଏକ ରଥର ଚକ ପରି ।।

*ଚିନ୍ମୟୀ ସାହୁ*
*ଅନୁଗୋଳ, କିଶୋରନଗର*
*+୨ କଳା ପ୍ରଥମ ବର୍ଷ*

# ଅମାନିଆ ଝିଅ

ସେ ହୋଇ ଜଳେ ଜହ୍ନ ରାତି ରେ ଦୀପ
କେବଳ ନିଜ ପାଇଁ,
ମୁଁ ମନ୍ଦିର ର ଦୀପ
ଜଳେ ସମାଜ ର ଦୁଃଖ କୁ ଦେହ ରେ ବୋଳି।।

ସେ ମଧ୍ୟାହ୍ନ ର ଉତ୍ତପ୍ତ ସୂର୍ଯ୍ୟ
ଉଭା ହୁଏ ସଂସାର ଚଳାଇବାର ଗର୍ବ ନେଇ,
ମୁଁ ରାତି ର ଶୀତଳ ଚନ୍ଦ୍ର
ଉଭା ହୁଏ ଶାନ୍ତି ପ୍ରଦାନ ପାଇଁ।।

ସେ ଭୁବନେଶ୍ୱର ର ଭିଡ଼
ରାତି ଦିନ ସେ ଗହଳି ପୂର୍ଣ୍ଣ,
ମୁଁ ପୁରୀ ର ଶରଧାବାଲି
ଦିନ ସାରା ଶୁଣେ ଭକ୍ତ ଙ୍କ ଗୁହାରୀ
ରାତି ମୋର ଶାନ୍ତି,ଠିକ୍ ସମୁଦ୍ର କୂଳ ପରି।।

ସେ କ୍ଲବ୍ ର ମଦଳସା
ମଦ ନାଚ ର ଯହିଁ ଚାଲେ ତାମସା,
ମୁଁ ନିର୍ଜନ ସେ ମନ୍ଦିର
ଯାର ପ୍ରତ୍ୟେକ ରେଣୁ କୁହେ ଇତିହାସ ର ଅକ୍ଷର।।

ସେ ମହମସ୍ତି ରେ ଦିନ କାଟୁଥିବା
ବେପରୁଆ ପୁଅ,
ମୁଁ ଦିନ ରାତି ସଂଘର୍ଷ କରୁଥିବା
ଅମାନିଆ ଝିଅ।।

*ନିକିତା ମହାରଣା*
*ଶ୍ରେଣୀ;- ସ୍ନାତକୋତ୍ତର ୨ୟ ବର୍ଷ (ଓଡ଼ିଆ)*
*SCS(A)CLG,Puri*
*Home Town;- Dhenkanal*

# ଦାୟିତ୍ୱର ଅଦୃଶ୍ୟ ଯୁଦ୍ଧ

ଭଙ୍ଗା କୁଡ଼ିଆରେ ଜୀବନ ଜୀଉଁଛି
ଖରା ବର୍ଷା ଶୀତ ସହି,
ଶାଗ ପଖାଳରେ ପେଟ ତ ପୁରୁଛି
ମଧ୍ୟବିତ୍ତ ପୁଅ ସେଇ ।।

ଆଖିରୁ ଲୋତକ ନିଗାଡି ପାରେନି
ଦାୟିତ୍ୱର ସେ ଭାରରେ ,
ହାରିଯାଏ ଯେବେ ଜିବନ ଯୁଦ୍ଧରେ
ନଥାଏ କେହି ସାଥିରେ ।।

ଧନ ବିନୁ ଜନ କି କରେ ସମ୍ମାନ
ମରିଚୀକା ତ ପ୍ରେମରେ
ମଧ୍ୟବିତ୍ତ ପୁଅ ଭାଗ୍ୟ ତ ଲେଖୁଛି
ସଂଘର୍ଷ ପରିଚୟରେ ।।

ବାପା ତା ପଡ଼ିଛ ବେମାରୀ ଶେଯରେ
ପାରୁନାହିଁ ଦେଖି ଚାହିଁ ,
ପେଟ ପୋଷିବାକୁ ଦାଦନ ଖଟୁଛି
ବିଦେଶକୁ ପୁଅ ଯାଇ ।।

ଜୀବନ ଜାଳୁଛି ସଂଘର୍ଷ ନିଁଆରେ
ଗରିବୀକୁ ଦ୍ୱାହୀ ଦେଇ
ସମ୍ମାନ ଗଢୁଛି ସମାଜରେ ସେଇ
ସ୍ୱାଭିମାନୀ ପୁଅ ହୋଇ ।।

ଯୁବ ବୟସରେ ଦାୟିତ୍ୱ ବଢିଛି
ପରିବାର ଭାର ସହି,
ଇଚ୍ଛା ଓ ଦାୟିତ୍ୱ ପାର୍ଥକ୍ୟ ସାଜିଛି
ଜୀବନ ଅସମାନତା ହୋଇ ।।

*ଜୟଶ୍ରୀ କ୍ରାନ୍ତି ପୂରଭି*
*କୁଆଖିଆ, ଯାଜପୁର*

# ମାସରେ ସାର ମଗୁଶୁର



ମଗୁଶୁର ଆସି ଦେଇଛି ଚିଠି
ଅଗଣାରେ ଆସି ପକାଅ ଝୋଟି "୧"
ଘରେ ବିରାଜିବେ ମାଆ କମଳା
ଆଦରେ ରଖିଛି ପଦୁମ ମାଳା "୨"
ପାପୁଲି ର ଅଗ୍ର ଭାଗେ ରହିଲ
ଚଣ୍ଡାଳୁଣୀ ଟିକୁ ସହାୟ ହେଲ "୩"
ଭକ୍ତିବଳେ ନେଲା ତୁମକୁ କିଣି
ଟାହିଟାପରା ରୁ ଜିତିଲା ଜାଣି "୪"
ଶଙ୍ଖ ଚକ୍ର ଗଦା ହସ୍ତରେ ଧରି
ବିରାଜିଛ ହୋଇ ଧନ ଧାତିରି "୫"
ଗୁରୁବାର ଟିକୁ ନିଜର କରି
ଉଡ଼ାଇଲ ତୁମ ଧ୍ୱଜାର ଶିରୀ "୬"
ପୂଜିବାକୁ ଘରେ ମାଣ ଗଉଣି
ମାଆ ମୋର ସଜ କରିଛି ପୁଣି "୭"
ଉଲୁକ କୁ କରି ନିଜ ବାହନ
ପରିକ୍ରମା କର ସାରା ଭୁବନ "୮"
ମାଆ ଭଉଣୀ ଏ ରୁହନ୍ତି କାଷ୍ଠା
ତୋ ବ୍ରତରେ ସିଏ ରହିବେ ନିଷ୍ଠା "୯"
ମଗୁଶୁର ଅଟେ ମାସରେ ସାର
କରୁଣାମୟୀ ମାଆ ସୁଦୟା କର "୧୦"
କମଳା ଦେବୀ ତୋ ଲୀଳା ଅପାର
କର ଯୋଡ଼ି କହେ ହୀନ ସାଗର "୧୧"

*ସାଗର ବେହେରା*
*ଢେଙ୍କାନାଳ*
*ଫୋନ୍ ନଂ -୮୩୨୭୭୨୪୩୪୧*

# ପରମ କାରୁଣିକ ବାବା ଚନ୍ଦ୍ରଶେଖର

ଶିକ୍ଷକତା ଜୀବନ ଆରମ୍ଭ ହୋଇ ଥାଏ ନୂଆ ନୂଆ ।ଏକ ସୁନାମ ଧନ୍ୟ ଶିକ୍ଷାନୁଷ୍ଠାନ ପଂଚାୟତ ହିଂଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ।ଛାତ୍ରଛାତ୍ରୀ ମାନଙ୍କୁ ନେଇ ପିକ୍ ନିକ ଯିବାପାଇଁ ବିଦ୍ୟାଳୟର ପକ୍ଷରୁ ସ୍ଥିରୀକୃତ ହୋଇ ଥିଲା ।ଗାଇଡ୍ ଶିକ୍ଷକ ଭାବେ ମୋ ସହିତ ନୀଳମଣି ସାର୍, ସୁଶାନ୍ତ ସାର୍, ଓ ପୁଷ୍ପା ଦିଦି ସହିତ ପ୍ରାୟ ୮୦ ଜଣ ଛାତ୍ରଛାତ୍ରୀ ମାନଙ୍କୁ ନେଇ ସପ୍ତ ଶଯ୍ୟା, ସାଇ ମଂଦିର, ଯୋରନ୍ଦା ଓ ଶେଷରେ କପିଳାସର ବାବା ଚଂଦ୍ରଶେଶର ଦର୍ଶନ କରିବା ପାଇଁ ଆପାତତଃ ସ୍ଥିର ହୋଇ ଥାଏ । ପୂର୍ବ ନିର୍ଦ୍ଧାରିତ ସୂଚନା ମୁତାବକ ସମସ୍ତ ଛାତ୍ରଛାତ୍ରୀ ବିଦ୍ୟାଳୟ ନିକଟରେ ଉପସ୍ଥିତ ଥିଲେ ।ବହୁ ଆନନ୍ଦ ଉଲ୍ଲାସର ସହିତ ଆମ ଯାତ୍ରା ଆରମ୍ଭ ହୋଇଥିଲା ।ଦିନ ପ୍ରାୟ ଦଶଟା ବେଳକୁ ସପ୍ତ ଶଯ୍ୟାରେ ପହଞ୍ଚି ଥିଲୁ ।ସାଥିରେ ନେଇ ଥିବା ଜଳଖିଆ ସେବନ ସମାପନ ହୋଇଥିଲା ।

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ସପ୍ତ ଶଯ୍ୟାର ପରିବେଶ ବେଶ୍ ଆକର୍ଷଣୀୟ ଓ ରୋମାଞ୍ଚକର ।ପିଲାମାନେ ଖୁବ୍ ଆନନ୍ଦମୟ ପରିବେଶରେ କିଛି ସମୟ ଅତିବାହିତ ସହିତ ବିଭିନ୍ନ ଦେବାଦେବୀଂକ ଦର୍ଶନର ସୁଯୋଗ ହାତ ଛଡ଼ା କରି ନ ଥିଲେ।ସାଇ ମଂଦିରରେ ପ୍ରସାଦ ସେବନ କରି ଯୋରନ୍ଦାର ମହିମା ଗାଦି ଦର୍ଶନ କରି କପିଳାସ ଅଭିମୁଖେ ଯାତ୍ରା ଆରମ୍ଭ ହୋଇଥିଲା।ସେତେବେଳକୁ ପ୍ରାୟ ସମୟ ଚାରିଟା ପାଖା ପାଖି।ହର୍ଷ ଉଲ୍ଲାସର ସହିତ ବାର ବାଂକ ଦେଇ କିଛି ଛାତ୍ରଛାତ୍ରୀ ଓ ପାହାଚ ଦେଇ ଅବଶିଷ୍ଟ ଛାତ୍ରଛାତ୍ରୀ ବାବା ଚଂଦ୍ରଶେଶରଂକ ଦର୍ଶନ ପାଇଁ ଚାଲିଲୁ।ସଂଧ୍ୟା ପୂର୍ବରୁ ଫେରିବାର ଯଥା ସମ୍ଭବ ଚେଷ୍ଟା କରିଥିଲୁ। ବାବାଂକ ଦର୍ଶନ କରି ସାରି ଫେରିବା ବେଳକୁ ସଂଧ୍ୟା ଆଗତ ପ୍ରାୟ।ଦୁଇ ଜଣ ଶିକ୍ଷକ ଆଗରେ ଓ ଆଉ ଦୁଇ ଜଣ ଶିକ୍ଷକ ପଛରେ

ସୁରକ୍ଷାର ବଳୟ ମଧ୍ୟରେ ଆଣିବା ପାଇଁ ବ୍ୟବସ୍ଥା କଲୁ।ମାଂକଡ ମାନଙ୍କ ଦୌରାତ୍ମ୍ୟ ଆମ ପାଇଁ ଏକ ବଡ ସମସ୍ୟା ହୋଇ ଠିଆ ହୋଇଗଲା।ଏହା ସହିତ କିଛି ଅସାମାଜିକ ଯୁବକଙ୍କ ମତିଗତି ଆମକୁ ଆହୁରି ମୁଂଡ ବଥାର କାରଣ ପାଲଟି ଥିଲା।ସମସ୍ତ ଛାତ୍ରଛାତ୍ରୀ ଓ ଆମେ ସମସ୍ତେ ବାବା ଚଂଦ୍ରଶେଶରଂକ ଧୱନି ଉଚ୍ଚାରଣ ପୂର୍ବକ ଚାଲି ଥାଉ।ହଠାତ୍ ଏକ କୁକୁର ଆବିର୍ଭାବ ହେଲା।କେତେ ବେଳେ ଆଗକୁ ତ କେତେବେଳେ ପଛକୁ ଆସି ପୁରା ସୁରକ୍ଷା ଦେଇ ଚାଲି ଥାଏ।ତାର ଉପସ୍ଥିତି ଆମର ସାହାସକୁ ଦ୍ବିଗୁଣିତ କରିବାରେ ସହାୟକ ହୋଇଥାଏ।ସେ ସମୟର ଅନୁଭୂତି ବର୍ଣନା କରିଲା ବେଳେକୁ ଲୋମ ଟାଂକୁରୀ ଉଠୁଛି।ପାହାଡର ପାଦ ଦେଶର ଠିକ୍ କିଛି ବାଟ ପୂର୍ବରୁ ସେହି ଶୱାନ ରୂପୀ ବାବା ଚଂଦ୍ରଶେଶର ଉଭାନ ହୋଇ ଗଲେ ।ଆମେ ସେଦିନର ଅନୁଭୂତି କେବେ ଭୂଲି ପାରିବୁ ନାହିଁ ।ପରମ କାରୁଣିକ ବାବା ଚ଼ନ୍ଦ୍ରଶେଖର କୁକୁର ରୂପେ ବିରାଜମାନ କରି ଆମକୁ ପାହାଡ ପାଦ ଦେଶରେ ପହଞ୍ଚାଇ ଥିଲେ ।

*ଅରୁଣ କୁମାର ଦାସ*

*ଶିକ୍ଷକ*

*ନାରାୟଣପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଂତୁରୀ*

*ଧର୍ମଶାଳା,ଯାଜପୁର*

*ମୋ- ୯୯୩୮୭୩୩୦୭୫*

# ଭାବନା ସମ୍ଭାର



କଳା କଳା ମେଘ ସାଥିରେ ଭାସୁଥିବା
ଭସା ବାଦଲର ସ୍ୱପ୍ନ ସବୁ ଅନେକ..!
ଆକାଶରେ ଚମକୁ ଥିବା ବିଭିନ୍ନ,
ଆଶା ର ଘଡ଼ଘଡି ବିଜୁଳି ର ଚମକ ।।
ଶାନ୍ତି ଓ ଅଶାନ୍ତିର ସଂକେତ ପାଇଲା ପରି
କୂଳହୀନ ନାବିକର ବତୀଘର;
ଆଉ ଜୀବନ ଯମୁନାରେ ମାଡ଼ି ଆସୁଥିବା
ସୁନାମି ସହ ସାଗରେ ଜୁଆର ।।
ପଥହରା ବାଟୋଇ ଆଗରେ ମାଡ଼ି ଆସେ
ଭାରାକ୍ରାନ୍ତ ଘନ ଘନ ଜାଡ଼ର କୁହୁଡ଼ି
ଭାବନା ଶୂନ୍ୟ ପଡ଼ିଆ ରେ ଗୋଚର ଜମି
ଆନମନା କଳ୍ପନା ସବୁ ଯାଆନ୍ତି ଝୁଣ୍ଟି ପଡ଼ି ।।
କ୍ଷତାକ୍ତ ହୃଦୟର ନିଷ୍ଠୁର ଗର୍ଜନ ଅସହନୀୟ
ସ୍ତବ୍ଧ ଅନ୍ଧକାର ଏକାନ୍ତ ବନ୍ଦ କୋଠରୀରେ,
ଆଘାତପ୍ରାପ୍ତ ସମ୍ପର୍କ ସବୁ ଚିହ୍ନା ଅଚିହ୍ନା ଜ୍ୱରଭଳି
ମାଡ଼ିଆସି କାଳବୈଶାଖୀ ମନେ ବେଦନା ଭରେ ।।
ଜୀବନର ଏହି ଅଭେଦ୍ୟ କଠିନ ସରଳାର୍ଥ
ବେଳେବେଳେ ବାସ୍ତବତା ର ମରୀଚିକା ସମ,
ମରୁଭୂମି ସଦୃଶ ଦୃଶ୍ୟମାନ ହୁଏ ଯାହା ଧ୍ରୁବ ସତ୍ୟ!
କିନ୍ତୁ ସବୁ ଜଟିଳ, ଯୌକିକ ଓ ଯନ୍ତ୍ରଣା ଅସମ ।।

ସେଥିରେ ପୁଣି ରହେ ଜୟ-ପରାଜୟ,ସୁଖ-ଦୁଃଖ
ଗର୍ବ-ଅହଙ୍କାର, ପ୍ରେମ-ଛଳନା ଓ ମଣିଷପଣିଆ!
ରୂପ ରଙ୍ଗରେ ସୁସଜ୍ଜିତ ରଙ୍ଗମଞ୍ଚର ଚମକ ଭଳି
କେବେ ବାଦ୍ୟଯନ୍ତ୍ର ର ଲାଳିତ୍ୟତା ତ'କେବେ କରୁଣା ।।
ଏ ଦୁନିଆ ଟା ଗଢା ଯେମିତି ନିଆଁ ଦୁଇଟି ରେ
ଆରମ୍ଭେ ଏନ୍ତୁଡ଼ି ଓ ଶେଷ ଶ୍ମଶାନ ଭୁଇଁରେ;
ପୁଣି, ଜୀବନଟା ବନ୍ଧା ଦୁଇଟି ରାଗ-ଅନୁରାଗେ
ମଧୁବନ୍ତି କେବେ, କେବେ ମଲ୍ଲାର ଛନ୍ଦରେ ।।

*ଶିବରାମ ନାୟକ*
*ବାଇଶିପଲ, ଗଞ୍ଜାମ, ଓଡ଼ିଶା, ୭୬୧୧୪୪*
*ଫୋନ୍ -୭୩୭୭୫୫୪୭୧୯*

# ଏମିତି ମୋ ଦିନ କଟେ



ସକାଳ ପହରୁ ନିଦ ଭାଙ୍ଗିଗଲେ
ଠାକୁରଙ୍କୁ ଯୋଡ଼େ ହାତ
ବିଛଣାରୁ ଉଠି ପ୍ରାର୍ଥନା ସାରିକି
କରେ ମୁହିଁ ପଦପାତ ।

ପ୍ରାର୍ଥନାରେ କହେ, " ଆହେ ମହାବାହୁ
ଆଜି ଦିନ ଶୁଭ ହେଉ
ଭଲରେ ଭଲରେ ଦିନ କଟିଯାଉ
ଅଶୁଭ ଦେଖା ନ ଦେଉ
ସଂସାର ଡ଼ଙ୍ଗାରେ ବସାଇଛ ଯେଣୁ
ଭଲକି ବାହିବ କାତ ।

ରାତିର ଶୟନ ନିମିତ୍ତ ଯେବେ ମୁଁ
ବିଛଣାକୁ ନିତି ଯାଏ
ଠାକୁରଙ୍କୁ ମୁହିଁ ପ୍ରାର୍ଥନା କରିକି
କ୍ଷମା ମୁହିଁ ମାଗିଥାଏ
ଆଜି ଦିବସରେ ଯାହା ଭୁଲ କଲି
କ୍ଷମ ବିଶ୍ୱ ତାତମାତ ।

ଶତଚେଷ୍ଟା କରେ ପ୍ରତ୍ୟହ କାର୍ଯ୍ୟରେ
କରିବାକୁ ଭଲ କାମ
ଏମିତି କାର୍ଯ୍ୟ ମୁଁ କରିବି ନାହିଁ ଯେ
ହେବ ମୋର ବଦନାମ
ଆତ୍ମସମୀକ୍ଷା ମୁଁ ନିଇତି କରଇ
ଡରି ଘାତ ପ୍ରତିଘାତ ।

*ନିରଞ୍ଜନ ସାହୁ*
*ନିହଲ ପ୍ରସାଦ, ଗଁଡିଆ ପାଟଣା*
*ଢେଙ୍କାନାଳ- ୭୫୯୦୧୬*
*ମୋ : ୯୯୩୮୭୪୧୫୮୩*

# ମୁଁ ଜନତା



ପିଠିରେ ଲେଖିବା ବାକି ଅଛି
ନଚେତ୍ ମର୍ମେ ମର୍ମେ ଭୋଗୁଛି
ମୁଁ ଜନତା, ତୁମେ ରାଜନେତା ।

ମଣିଷପଣିଆ ଦେଖାଇ
ମଣିଷ ପରି ବଞ୍ଚିଥିବା
ଏ ଜନତାକୁ ଚାପି ଦିଆଯାଏ,
ବଡ଼ ବଡ଼ ଗଳିରେ ପଳି ବଢ଼ିଥିବା
ସେ କୁର୍ତ୍ତା ପାଇଜାମାଧାରୀଙ୍କ ଦ୍ୱାରା ।

କେବେ ଦେଖିଛ ସେମାନଙ୍କୁ ?
ଚାଳଛପର ଘରେ ପାଦ ପଡ଼ିବାର ।
କେବେ ଦେଖିଛ ?
ସେ ଦରଭଙ୍ଗା ସ୍କୁଲରେ
ତାଙ୍କ ସନ୍ତାନ ପାଠପଢିବାର।
କେବେ ଦେଖିଛ କି ?
ବିଛଣା ନ ଥିବା ଡାକ୍ତରଖାନାରେ
ଚିକିତ୍ସିତ ହେବାର ।
ଦେଖିଥିବ ପାଞ୍ଚ ବରଷରେ ଥରେ
ଛାତି ପିଟିବାର ।

ଏ ଯାଏଁ ଧୋଆଇ ନାହିଁ
ଜାତୀୟ ରାଜପଥର ସେ ରକ୍ତବତୁରା ମାଟି ।
ସେ ବିଦିରି ପଡିଥିବା ପୁଟାରେ ଖାଲଢିପ ଭରା ହୁଏ ।

କଳା ରଙ୍ଗର କାର୍ ରେ  ବୁଲୁଥିବା, କଳା ଚଷମାଧାରୀ
କ'ଣ ଜାଣିବ ?
ଏ ରକ୍ତ ମାଉସର ମୂଲ୍ୟ କେତେ ।

ମାଷ୍ଟର ନ ଥାଇ
ମୁଁ ପାଠ ପଢେ ।
ଡାକ୍ତର ନ ଥିବାରୁ
ମୋର ମୃତ୍ୟୁ ହୁଏ ।
ତମ ଘରେ ପରିସ୍ରା କରିବା ପାଇଁ ଜାଗା ନ ଥିଲେ
ତୁମେ ଖବରକାଗଜର ପ୍ରଥମ ଫରଦରେ ।
ମୁଁ ଜନତା ,ତୁମେ ରାଜନେତା ।

ମୁଁ ତାମିଲନାଡୁ କୁ ଯାଏ ଦାଦନ
ପ୍ରତି ଜିଲ୍ଲାରେ ବୁଲେ ତୁମ ହେଲିକେପ୍ଟର,
ଧର୍ମ ମୋର,ବିଶ୍ୱାସ ମୋର
ତୁମେ ଧର୍ମର ଠିକାଦାର ।

ଏ ଶିରାପ୍ରଶିରାରେ ଭେଦିଥିବା
ପୁରୁଖାମାନଙ୍କର ଶୋଷଣର ଛବି,
ଏ ଜନତା ଭୋଗୁଥିବା ବେଦନାକୁ,
ଆଖି ସାମ୍ନାକୁ ଆସିବାକୁ ଦିଅ ନାହିଁ ।
ଭୋଗିବ,
ନିଶ୍ଚୟ ଭୋଗିବ,
ଏହା ଭାତ ନୁହେ ଯେ ପଚିଯିବ ।।

*ଦିପେଶ ସାହୁ*
*ମୁହୁଦି, ଉଣେଇଶ ଖଣ୍ଡ ମୌଜା*

# ମନଦେଇକି ପଢ଼ିବା ଆସ



ମନଦେଇକି ପଢ଼ିବା ଆସ
ଆମରି ପାଠ ବହି
ଝୁଣ୍ଟି ପଡ଼ିଲେ କେଉଁଠି ଆମେ
ଗୁରୁଜୀ ଦେବେ କହି ।
ଭଲ ଭାବରେ ଅକ୍ଷର ଲେଖି
ଶିଖି ଶବଦ ଗଢ଼ା
ଅତି ସହଜେ ନେବା ଆଗେଇ
ଆମେ ସକଳ ପଢ଼ା ।
ମୁକୁତା ପରି ଅଟେ ଅମୂଲ୍ୟ
ଯୁକ୍ତାକ୍ଷର ତ ଯେତେ
ନିର୍ଭୁଲ କରି ଲେଖି ଜାଣିଲେ
ଶିଖିବା ବାକ୍ୟ କେତେ ।
ପଦ୍ୟ ଯେତେକ ମୁଖସ୍ଥ କରି
ଗାଇବା ସ୍ୱର ଧରି
ଶୁଣିଲେ ଆମ ବାପା ବୋଉଙ୍କ
ମନଟି ଯିବ ଭରି ।
ବହି ପରିକା ଭଲ ବନ୍ଧୁଟେ
ମିଳିବେ ନାହିଁ ଜମା
ନିର୍ଭୁଲ ଭାବେ ପଢ଼ିବା ସଦା
ନାଶି ଅଜ୍ଞାନ ଅମା ।

ଜୟନ୍ତ କୁମାର ମଲ୍ଲିକ୍
ଶୁରଡିହ, ନନ୍ଦିପୁର, ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

# ମୁଁ ଓଡ଼ିଆ କୁହେ

ମନର ଭାଷାକୁ ମୁଁ ଆଜି କୁହେ
ଓଡ଼ିଆ ବୋଲି ଯେ ମନେ ଗର୍ବ ଛୁଏଁ
ଓଡ଼ିଆ ଭାଷାର କଂପିତ କଣ୍ଠରେ
ଆମ୍ଭେ ଚଳିଥାଉ ତାହାରି ସ୍ପର୍ଶରେ
ଆର୍ଯ୍ୟ ଅଗ୍ରସରେ ପ୍ରାକୃତ ଆସିଛି
ନବର ପଲ୍ଲାସ ପ୍ରକୃତେ ଖେଳିଛି
ମାତୃ ଭାଷାରେ ଯେ ସୀମା ଦୁରନ୍ତର
ମାଗଧୀ ପୂର୍ବରେ ହୋଇଛି ବିସ୍ତାର
ଚତୁର୍ଦ୍ଧୁଗେ ଆଜି ସ୍ୱୀକୃତି ଯେଭାଷା
ଆପଣା ନିଯୋଗେ ସେହି ମାତୃଭାଷା
ମାତୃଭୂମି ପ୍ରତି ସମ୍ମାନ ରଖିବା
ଉଚ୍ଚ କରିବାରେ ଅଗ୍ରସର ହେବା
ଶୁଦ୍ର ସାରଳାଙ୍କ ପ୍ରୟାସରେ ଆଜି
ଓଡ଼ିଆ ଅକ୍ଷରେ ସଜାଇଲେ ମାଜି
କବିବର ଆସି ବୋଲିଲେ ସୁଗୁଣ
ଏତେ ମଧୁର ଯେ କୋଇଲିର ତାନ
ଗଙ୍ଗାଙ୍କ ସ୍ଥିତିରେ ଉଇଁଲେ ଭାସ୍କର
ଓଡ଼ିଆ ଭାଷାର ଶ୍ରେୟ ପଟାନ୍ତର
ଭାଷାର ମର୍ଯ୍ୟାଦା ଫକୀରଙ୍କ ହସ୍ତେ
ରଖିବା ସାଇତି ଓଡ଼ିଆ ସମସ୍ତେ ॥

*ଶ୍ରୀକୁମାର ମହାପାତ୍ର*
*କଲ୍ୟାଣପୁର ଶାସନ, କଲ୍ୟାଣପୁର ଶାସନ, ଧଉଳି, ବ୍ଲକ-ଭୁବନେଶ୍ୱର-, ଖୋର୍ଦ୍ଧା*

ବ୍ରଜବିଳାସ ସାହିତ୍ୟ ପତ୍ରିକା

# ନାଲି ଶାଢ଼ୀର ପ୍ରେମିକା



ପରସ୍ତ ପରସ୍ତ ପ୍ରେମର
ନାଲି ଓଢଣୀ ତଳେ
ବିନ୍ଧିଏ ନାଲି ନୀରବତା
ନଈ ପରି ସିନ୍ଥିର ଗାଢ଼ତା।

ସେ' କେବଳ
ନାଲି କୁ ହିଁ ଭଲପାଏ !
ସେଥିପାଇଁ
ସକାଳର ନାଲି ସୁରୁଜ ଦେଖିଲେ
ଚଉରା ମୂଳେ ନାଲି ମୁରୁଜ ଦିଏ ।

ଭୁଇଁରେ ଘଷି ହୋଇ ଯାଉଥିବା
ତା 'ନାଲି ଶାଢ଼ୀର
ଚାରିବାଡ଼ିଆ ସୁନେଲି ଧଡ଼ିରେ
ଦୋହଲୁଥାଏ,
କୋଣାର୍କର କୁଆଁରୀ ପଣ,
ନାଲି ରଙ୍ଗରେ ରଙ୍ଗାୟିତ
ତାଲୁ ରୁ ତଳିପା
ନାଲି ନାଲି ତା 'ରୂପ ଲାବଣ୍ୟ ।

ମୋତେ ଲାଗେ,

ଏ ସୃଷ୍ଟିର ସେ' ହିଁ ଅନିନ୍ଦ୍ୟା ସୁନ୍ଦରୀ !
ଶଙ୍ଖା ନାଲି, କାନଫୁଲ ନାଲି
କବରୀର କୃଷ୍ଣଚୂଡ଼ା ନାଲି
ନାଲି ତା' ହୃଦୟ କୋଠରୀ ।

ନାଲି ନାଲି ପାଦ ଓ ପାପୁଲି,
ଅଳତା କୁଙ୍କୁମ ନାଲି
ଓଠ ନାଲି, ଗଜରା ବି ନାଲି ।

ତା' ନାଲି ଶାଢ଼ୀ ଦେଖିଲେ....
ସୂର୍ଯ୍ୟ ଆଲୁଅ ଦିଏ,
ପ୍ରକୃତି ପୂର୍ଣ୍ଣଗର୍ଭା ହୁଏ
ମଳୟ ମତିଭ୍ରମ ହୁଏ ।

ତା' ଶାଢ଼ୀ ଫାଙ୍କରେ
ଦିଶୁଥିବା ଦେହ
ମୋ' ତମାମ ଆୟୁଷକୁ
ବନ୍ଦିକରେ,
ଆତ୍ମୀୟତାର ଇଙ୍ଗିତରେ
ମୋ' ଭିତରୁ ନିଜତ୍ୱ ପଣକୁ
ନିରୁଦ୍ଦିଷ୍ଟ କରେ ।

*ଡଃ ଶୁଭେନ୍ଦୁ ମେହେର*
*ଯାଲୋଏ, ସୁବର୍ଣ୍ଣପୁର*
*ମୋ- 9938433664*

# ବିର୍ସା ମୁଣ୍ଡା

ବିର୍ସା ମୁଣ୍ଡା ଆମ ଦେଶର
ସ୍ୱାଧୀନତା ସଂଗ୍ରାମୀ
ତାଙ୍କୁ ପାଇ ଧନ୍ୟ ହୋଇଲା
ଏହି ଭାରତ ଭୂମି।

ଆଦିବାସୀ ପୁଅ ଲକ୍ଷ୍ମଣ
ପରି ଥିଲେ ସେ ନିଜେ
ଦେଶ ମାତୃକାର ସେବାକୁ
କରୁଥିଲେ ରାଇଜେ।

ଫିରିଙ୍ଗି ଶାସକ ବିର୍ସାକୁ
ଦେଇ ଥିଲା ଚେତାଇ
ଏହି ଭାରତରେ ତୁମରି
ପରି ଆଉ କେ ନାହିଁ?

ଦୂର ରାଇଜରେ ଜନମି
କଲ ଦେଶର ହିତ
ତୁମ ପାଇଁ ଏବେ ରହିଲା
ଏହି ସାରା ଭାରତ।

ତୁମେ ମରି ମଧ୍ୟ ଅମର
ହେଲ ଏହି ଭାରତେ
ଆଜିର ଦିନରେ ଝୁରୁଛୁ
ଆମେମାନେ ଜଗତେ।

ଗାନ୍ଧୀ ମହାତ୍ମାଙ୍କ କଥାକୁ
ନିଜ ହୃଦେ ସାଇତି
ଲଢୁଥିଲ ଦେଶ ପାଇଁକି
ସଦା ଦିବସ ରାତି।

ତୁମ ପରି କାମ କରିଲେ
ଆମେ ହୋଇବୁ ଧନ୍ୟ
ଦେଶବାସୀ ନିଶ୍ଚେ ଆମକୁ
ଦେବେ ବହୁ ସମ୍ମାନ।

ବିର୍ସା ମୁଣ୍ଡା ଆମ ଦେଶର
ଆଦିବାସୀ ସନ୍ତାନ
ତାହା ପାଇଁ ଦେଶ କରିଲା
ଆମ ଗୌରବ ଗାନ।

*ଡ଼କ୍ଟର ସୀମାଞ୍ଚଳ ପ୍ରଧାନ*

*

# ନାରୀଶକ୍ତି



ନାରୀ ନୁହେଁ ଏକ ଖେଳିବା ପଦାର୍ଥ
କରିବ ତୁମେ  ତ ତାକୁ ଉପଭୋଗ।
ନାରୀ ନୁହେଁ ଏକ ଏକ ଯନ୍ତ୍ରର କଣ୍ଢେଇ
ଚଲାଇବ ତୁମେ ଦେଇ ତ ବ୍ୟାଟେରୀ ।
ନାରୀ ନୁହେଁ ଏକ ମାଟିର ପିତୁଳା
ଭଙ୍ଗାଇବ ତୁମେ ଦେଇ ତାକୁ ପୀଡା ।
ନାରୀ ନୁହେଁ ଏକ ଅଳିଆ ଜିନିଷ
କରିବ ତୁମେ ତ ତାକୁ ଉପହାସ ।
ବରଂ ନାରୀ ଅଟେ ଏଠି ନିଶିର ଭାସ୍କର
ଯାହା କରାଇବ ତୁମ ଗୃହକୁ ଉଜ୍ଜ୍ୱଳ  ।
ନାରୀ ଅଟେ ପୁଣି ବିଶ୍ୱାସର ନାଆ
ଯିଏ ହେବ ତୁମ ବିପଦରେ ସାହା ।
ନାରୀ ଅଟେ ତୁମ ଜନନୀ ସମାନ
ସୁରକ୍ଷା ଦିଅ ତାକୁ ଦେଇ ତ ସମ୍ମାନ ।
ଭାବ ନାହିଁ ତୁମେ ତାକୁ ଅତି ସାଧାରଣ
ସେ ଚାହିଁଲେ କରିପାରେ ନୂତନ ସୃଷ୍ଟିର ନିର୍ମାଣ ।
ଅଗ୍ନି ପରି କ୍ରୋଧୀ ସିଏ ହିମ ପରି ଶୀତଳ
ଅଟଇ ପବିତ୍ର ଯେହ୍ନେ ଗଙ୍ଗାର ସେ ଜଳ ।
କାହାର ଘରଣୀ ସେ କାହାର ଦୁଲଣୀ
କାହାର ଭଗିନୀ ପୁଣି କାହାର ଜନନୀ ।

କାହିଁ ପାଇଁ କରାଉଛ ତାହାର ବିଧ୍ୱଂସ
ଜାଣିନାହିଁ ବୋଧେ ତା'ର ଶକ୍ତି ଓ ସାହାସ ।
ହେ ଯୁବକଗଣ ! ହୋଇଯାଅ ସାବଧାନ
ଦେଖୁବ ନ ହେଲେ ପୁଣି ସୃଷ୍ଟିର ଦହନ ।
ଯାହାର ତାପରେ ହେବ ଏ ଧରାର ନାଶ
ଦେଖୁବାକୁ ଥିବ ତୁମ ଶରୀର ପାଉଁଶ ।
କର ନାହିଁ ତୁମେ ତାକୁ ଅତି ଉତ୍ତେଜିତ
ନ ହେଲେ କରିବ ତୁମେ ପଛେ ପ୍ରାୟଶ୍ଚିତ ।
ଶେଷରେ କହୁଛି ମୁହିଁ ସାବଧାନ ହୁଅ
ନାରୀକୁ ପୀଡା ନ ଦେଇ ସମ୍ମାନ ଦିଅ ।

*ରାଜେଶ କୁମାର ସାହୁ*
*ଗ୍ରାମ : ଚଂମ୍ପାଦେଇପୁର, ପୋଷ୍ଟ : ପୁଞ୍ଜିଆମ୍ବା ଶାସନ*
*ମୋବାଇଲ୍ ନମ୍ବର: ୮୬୫୮୮୯୦୦୬୪*

# ଲକ୍ଷ୍ମିସେଜ

ଦୁଃଖିଶ୍ୟାମ ନାମେ ଗରିବ ଲୋକଟି
ଗାଁ ମୁଣ୍ଡେ ବାସ କରିଥାଏ
ବାପାମାଆ ଆଉ ପୁଅ ଝିଅ ଦୁଇ
ସ୍ତ୍ରୀ ସହ ଦିନ କାଟୁଥାଏ

ପିତା ମାତା ଠାରେ ଅଗାଢ ଭକତି
ପୁତ୍ର ଦୁହିତାକୁ ପାଳୁଥାଏ
ରାଗ ଅଭିମାନ  କରିଣ ବର୍ଜନ
ସ୍ତ୍ରୀ ଟିକୁ ଭଲ ପାଉଥାଏ

ମାଛି ଅନ୍ଧାରିଆ ସମୟ ସମୟେ
ସାହୁକାର ଆସି ଡାକଦେଲା
ସାହୁକାର ଡ଼ାକ ଶୁଣି ଦୁଃଖିଶ୍ୟାମ
ସମ୍ମୁଖରେ ଯାଇ ପହଞ୍ଚିଲା

ଦୁହେଁ ଗପୁ ଗପୁ ଜାଣିପାରିଲେନି
ଖାଇବା ସମୟ ହେଇଗଲା
ଯାହା ଥିଲା ଘରେ ରୋଷେଇ କରିଣ
ଖାଇବାକୁ ସ୍ତ୍ରୀ ଡ଼ାକ ଦେଲା

ସାହୁକାର ପାଖେ ବସି ଦୁଃଖିଶ୍ୟାମ
ସ୍ତ୍ରୀକୁ ଦିଅଇ ଉତ୍ତର
ମୁଁ ଆସିବାରେ ବିଳମ୍ବ ହୋଇବ
ଶୁଣ ମୋର ପତ୍ନୀ ଏହାକର

ଅଧାରଣ ଆଗ ସୁଝିଦେଲା ପରେ
ପୁଣି ଅଧା ରଣ ବାଣ୍ଟି ଦିଅ
ରାତ୍ରି ପିନ୍ଧା ଗୋଟି ରଖିଦେଇ ମୋର
ଲକ୍ଷ୍ମୀ ସେଜଟି ବିଛେଇ ଦିଅ

ଦୁଃଖିଶ୍ୟାମ ମୁଖୁ ଏହା ଶୁଣି କରି
ସାହୁକାର ଭାରି ବିଚଳିତ
ଗରିବର ଘରେ ଏତେ ଦ୍ରବ୍ୟ ଅଛି
ମନେ ମନେ ବହୁ ପ୍ରଶ୍ନ ଜାତ

ଗୁଣି ହେଇ ହେଇ ସାହୁକାର ଏଣେ
ଦୁଃଖିଶ୍ୟାମକୁ ଯେ ପ୍ରଶ୍ନ କଲା
ଯାହା କଥାମାନ କହିଲୁ ରେ ବାବୁ
ମୋ ମନେ ସନ୍ଦେହ ସୃଷ୍ଟିକଲା

ଅଧାରଣ ତୁହି କାହାକୁ ସୁଝୁଛୁ
କାହାକୁ ବାଣ୍ଟୁଛୁ ଅଧା
ଲକ୍ଷ୍ମିସେଜ ରେ ତୁ କରୁଛୁ ଶୟନ
ରାତ୍ରୀରେ ଅଲଗା ପିନ୍ଧା

ଏହିକଥା ମୋତେ ବୁଝାଇଣ କହ
ସନ୍ଦେହ ମୋ ମନୁ ଯିବ
ଯାହା ଲାଗରଣ ନେଇଛୁ ମୋଠାରୁ

ସବୁତକ ସୁଝିଯିବ

ଆନନ୍ଦ ମନରେ ଦୁଃଖିଶ୍ୟାମ କହେ
ମନଦେଇ କରି ଶୁଣ
ଆନନ୍ଦ ଉଲ୍ଲାସ ଭାଗ୍ୟରେ ମୋନାହିଁ
ପାଖରେ ନାହିଁ ମୋ ଧନ

ଯୋଉ ଅଧାରଣ ସୁଝିଦେ କହିଲି
ବାପା ମାଁ ଙ୍କୁ ଖାଦ୍ୟ ଦେବ
ପୁଣି ଅଧାରଣ ବାଣ୍ଟିଦେ କହିଲି
ପୁଅ ଝିଅ କୁ ମୋ ଦେବ

ପାଳ ବିଛଣା ମୋ ଲକ୍ଷ୍ମିସେଜ ଅଟେ
ରାତ୍ରି ପିନ୍ଧା ଚିରା ଧୋତି
ଯାହା ପଚାରିଲ ବୁଝାଇ କହିଲି
ଋଣ ରୁ ପାଇଲି ମୁକ୍ତି ll

ବବୁଲୁ ବାଘ
ଗ୍ରାମ= ସିଙ୍ଗାରୀମୁଣ୍ଡା
ପୋଷ୍ଟ= କନ୍ଧପଡ଼ା
ଭାୟା=ଆଠମଲ୍ଲିକ
ପିନ୍ କୋଡ଼=୭୫୯୧୨୫
ଜିଲ୍ଲା=ଅନୁଗୁଳ
ଯୋଗା ଯୋଗ=୮୦୧୮୯୧୯୨୯୫

# ଏଇ ତ କିଛି ଘଣ୍ଟା ପୂର୍ବରୁ

ଏଇ ତ କିଛି ଘଣ୍ଟା ପୂର୍ବରୁ
ମୁଁ ନିଜ ସହ ଚୁକ୍ତି କରିନେଲି
ତରଙ୍ଗାୟିତ ମେଘର ଝାଲସା ବେଶରେ
ଆଜିଠାରୁ ଅନୁପମ ଲାଗିବି ବୋଲି
ମୋ ପାଗଳପଣର ମାଧୁରିମା
ଏବେ କସ୍ତୁରୀ ସାଜିବାକୁ ଆରମ୍ଭ କଲାଣି
ମୁଁ ଠାବ କରୁଛି ବନସ୍ତରେ ନିଜସ୍ୱ କୁଡିଆ
ବୁଲି ସାରି କ୍ଷିପ୍ରତାରେ ଫେରିବି ବୋଲି

ମୋ ସମୁଦ୍ରରେ ଅନ୍ଧାର ନାହିଁ
ଶାମୁକା ତ ରୁଷିଛି, ଆଉ କାହିଁ କେତେ ଇଙ୍ଗିତରେ
ଚାଲୁଥିବା ବାଟଟା ବି ମୁରୁକି ହସୁଛି
ତା' ସାଥୀରେ ସାନ୍ନିଧ ଦିଏ ବୋଲି
କାଗେଜିଫୁଲର ମୁଲାୟମ ରଙ୍ଗ ନେଇ
ସମ୍ମୁଖରେ ପ୍ରାର୍ଥନା ଆଙ୍କୁଛି

ଏଇ ତ କିଛି ଘଣ୍ଟା ପୂର୍ବରୁ
ମୁଁ ବନ୍ଦ କରିଦେଲି ସିନେମା ପରି ଲାଗୁଥିବା
ଡାଏରୀର ପୃଷ୍ଠାତକ, ମନମତାଣିଆ
ଆଉଟା ରୋମାଞ୍ଚ ଫେଣ୍ଟି ଦେଉଥିବା

ବିଗତ ଯାକ, ଅକ୍ଷରର ରୂପ ନେଇ
ନାଚୁଥିଲା, ସତେ ଯେମିତି ପାଇଛି
ଏକ ନବକଳେବରର ଭୂମିକା !

ସ୍ୟାହି ତକ ଶୁଖିଲା ନଇ ଏବେ
ଯେମିତି ନିଜେ ସେମାନେ ଏବେ ଅନୁସନ୍ଧାନ ରେ
କେଉଁ ଗମ୍ଭିରି ଭୂପୃଷ୍ଠର ଉପତ୍ୟକାରେ
ରାଜା କିଏ, ରାଣୀ କିଏ ଖୋଜିବାରେ
ଚାହାଣି ଓ ଚାତୁର୍ଯ୍ୟର ମଗ୍ନ ବ୍ୟଭିଚାରେ....

ଧୂପର ବାସ୍ନା ଏଠି ଜୀବନଟା ସାରା
କାଲି ପରି ଲାଗୁଛି ଯଦିଓ
ପ୍ରାରବ୍ଧ ଓ ପ୍ରତିବିମ୍ବ ଖୋଦେଇ ହୋଇଛି
ଏଇ ମୋର ଶିଳା ଦେହେ ଆଭାସ ଚିତ୍ରରେ
କଡ଼ ଲେଉଟାଣି ଦେଲାଣି ସଂଳାପ
ଜୀବନର ରଙ୍ଗମଞ୍ଚ ଆଉ କେଇଘଡି ମାତ୍ର
ଆଲୋକ ବୁଣିବ ପରା !

ଏଇ ତ କିଛି ଘଣ୍ଟା ପୂର୍ବରୁ
ଆଶ୍ଳେଷିଛି ଛାପି ଛାପିକିଆ ଆକାଶଟାକୁ
ଖୁବ୍ ପାଖରୁ, ଭସା ବାଦଲର  କ୍ଲାନ୍ତି
ମୁଁ ବି ବୁଝିଲି ପଦେ ଅଧେ ଆଳାପ ହେବାରୁ
ଜହ୍ନ ପରା କହିଲା -  " ଯୌବନର ରୂପକ ଯଦି

ମୋର ଏକମାତ୍ର ବିଶେଷତ୍ବ ହୋଇଥାନ୍ତା
ମୁଁ ଆଜି ସାରା ଆକାଶଟାକୁ
ଆୟତ୍ତ କରି ନ ଥାନ୍ତି,
ବିଜନବେଳାରେ ବୋଇତ ସଜାଡୁଥିବା
ବାଟୋଇ ପିଲାର ପ୍ରେରଣା ହୋଇ ନଥାନ୍ତି !! "
ଚୁପିଚୁପି ମୋହ ଅଗଣାରେ
ମୋ ଇଛାର ବିରତିରେ ବର୍ଷି ନ ଥାନ୍ତି !!
ବୁଝିବ ନା' !!
ଯାହା ଦେଖାଯାଏ ବାହାରୁ
କହିଗଲି ନିରୋଳାପଣରୁ
    ଝୁଲନ୍ତା  ବ୍ୟଙ୍ଗର ବଡୁରା ନ୍ୟାୟ ରୁ
ଆନନ୍ଦ ଓ ପୁଲକର ତନ୍ମୟ ପ୍ରହରୁ

ସହଜ ଖୁବ୍ ଅଧିକ, ସରଳ ପ୍ରାରମ୍ଭିକ
ଜୀବନର ମଜାଳିଆ ମାନସାଙ୍କ
ବାଜି ଆଉ ବାଦ୍ ଦେବାର
ଅଭୁଲା ସ୍ମରଣିକାରେ ପ୍ରେମ....

ସେ ପ୍ରେମରେ ପାଦ ଖସାଇଲି ମୁଁ
    ଏଇ ତ କିଛି ଘଣ୍ଟା ପୂର୍ବରୁ.....

ସୁଶ୍ରୀ ପଲ୍ଲବିତା ସାହୁ

# ଧୈର୍ଯ୍ୟ



ଅନାଦି ଅନନ୍ତ ଅଟ ପରା ତୁମ୍ଭେ
ତବ ଲୀଳା କେ ବୁଝିବ,
ଏ ଜୀବନ ପରା ଦୁଃଖ ସୁଖ ଭରା
ଧୈର୍ଯ୍ୟ ରଖିବାକୁ ହେବ !
ସୃଷ୍ଟି କରି ଛନ୍ତି ସୃଷ୍ଟିକର୍ତ୍ତା, ପ୍ରଭୁ,
ଜୀବନ ଟି ବହୁମୂଲ୍ୟ,
କର୍ତ୍ତବ୍ୟରେ ରହି କର୍ମ କରୁ ଥିବ
ନିର୍ଦ୍ଦେଶେ ଦିବ୍ଯ ଦେବର,
ହେ ଜ୍ଞାନୀ......
ବିଭୁ କାର୍ଯ୍ୟ କର, ଧର୍ମ ମାର୍ଗେ ରହି
କର ସତ୍ୟ କର୍ମ,
ନ କରି ଫଳର ଆଶା ଅଭିଳାଷା
ଦୁଃଖ ବେଳେ, କିମ୍ପା ବିଚଳିତ ?
ଧୈର୍ଯ୍ୟ ରଖ କର୍ମ ସାଥେ ,
ସର୍ବଦା ରହି କର ମାନବ କର୍ତ୍ତବ୍ୟ,
ହେ ମାନବ.......
ରାଷ୍ଟ୍ର ହିତେ
କାର୍ଯ୍ୟ କରି ଚାଲ୍
ପାଇବ ଫଳାଫଳ,
କର୍ମଯୋଗୀ ସିନା,

ଆସିବ ସେ  ଶୁଭ ଦିନ
ପ୍ରଭୁ ରାମଙ୍କର କରୁଣାରେ
ଦୁଃଖ ସୁଖ ଭରା ଜୀବନ ଯାତ୍ରାରେ,
ଅମୃତର କାଳ
ତ୍ରେତୟା ଯୁଗର ପରି
ହେବ ଶୁଭାରମ୍ଭ,
କିମ୍ଵା ଚିନ୍ତାରେ ?
କିମ୍ଵା କରୁ ବିଳାପ କଷ୍ଟରେ ?
ଚିରକାଳ ଧର୍ଯ୍ୟ ରଖି,
ରହି ଥା କର୍ତ୍ତବ୍ୟ ପଥରେ
କରୁ ଥା କର୍ମ,
ଆସିବ ଅବଶ୍ୟ ଖୁସି ଆନନ୍ଦର କ୍ଷଣ,
କରୁଣା କରିବେ ବାଲ୍ୟ ଦିବ୍ଯ ରୂପେ ରାମ,
ଦୂର କରିବେ ଅନ୍ଧାର,
ପ୍ରକାଶରେ ହେବ ଆଲୋକିତ,
ମୃର୍ତ୍ତ୍ୟପୁର ସୁନ୍ଦର ଭୂଇଁରେ,
ଧର୍ଯ୍ୟ ଧରିକର୍ମ କରି ଚାଲ୍
ହୁଅ କର୍ମଯୋଗୀ ,
କିମ୍ଵା ହେଉ ଭ୍ରମିତ ?
କିମ୍ଵା କାତର ?
ସୁଖ ଦୁଃଖ ଭରା ମନୁଷ୍ୟ ଜୀବନେ,
ଅଟେ ଅଳଙ୍କାର ପରା,

ଅବଶ୍ୟ ଭୋଗିବାକୁ ହେବ,
ସତ୍ୟର ଜୟ ଯୁଗେ,ଯୁଗେ,
କର୍ମ କରି ବଞ୍ଚିବାକୁ ହେବ,
ପବିତ୍ର ଏ ଧରଣୀରେ,
ରାଷ୍ଟ୍ର ସୁରକ୍ଷାରେ, କରି ଜୀବନ ଅର୍ପଣ,
ସମଭାବ ଅସ୍ତ୍ର ଧରି, ଗୃହର ଲାଳନପାଳନେ
ଦୀନ ଦରିଦ୍ରଙ୍କ ସେବା ଓ କଲ୍ୟାଣେ,
କରି ମନ ପ୍ରାଣ ସମର୍ପଣ,
ଅନାଦି ଅନନ୍ତଙ୍କର ପଦଯୁଗଳେ
ହେ ମନୁଷ୍ୟ...........!

*ଅଜିତ କୁମାର ରାଉତ*
*ଗାଁ କଳାବାଡିଆ*
*ସଭାପତି ଉତ୍କଳ ସମ୍ମିଳନୀ ଷଢ଼େଇକଳା,*
*ଖରସୁଆଁ, ରାଜନଗର, ଶାଖା ଝାଡ଼ଖଣ୍ଡ!*

# ବୁଝିବା ଲୋକ

ମନ ମନ୍ଦିରରେ ଖୁସିର ପ୍ରଦୀପ
ଯଦି କେବେ ଲିଭିଯାଏ ।
ଅମା ଅନ୍ଧକାର ଘୋଟିଯାଏ କ୍ଷଣେ
ଚେତନା ବିଲୁପ୍ତ ହୁଏ ।।

ଅଙ୍ଗ ପ୍ରତ୍ୟଙ୍ଗ ର ମେଳକ ହୁଏନା
ଭାବନା ହୁଏ ଖଣ୍ଡନ ।
ସଜାଗ ଥିଲେ ବି ସଜୀବ ଶରୀରେ
ଜୀବନ ଲାଗେ ବିଚ୍ଛିନ୍ନ ।।

କିଂକର୍ତ୍ତବ୍ୟମୂଢ଼ ସ୍ଥିତି ଆସରରେ
ସାନ୍ତ୍ୱନା ଦେବା ଛଳରେ ।
ବୁଝାଇବା ଲୋକେ ମିଳନ୍ତି ଅନେକ
ଜ୍ଞାନୋପଦେଶ ଛଳରେ ।।

ଉଦାହରଣ ଓ ଦୃଷ୍ଟାନ୍ତ ଦିଅନ୍ତି
ସନ୍ମାର୍ଗ ଦେଖାଇଥା'ନ୍ତି ।
କେହି ଜଣେ ହେଲେ ବୁଝି ପାରନ୍ତିନି
ଜାଣି ଅଜଣା ହୁଅନ୍ତି ।।

ନିଜ ମନଭାଷା ଅକୁହା ଯନ୍ତ୍ରଣା
ହୃଦୟର ପ୍ରତିଛବି ।

ପୁଞ୍ଜିଭୂତ ଦୁଃଖ ଅବସାଦ କ୍ଳେଶ
ବୁଝେନାହିଁ ସାଜି କବି ।।

ଜୀବନ ମରଣ ଦୁଇଛକି ଠାରେ
ହୋଇଛି ଦଣ୍ଡାୟମାନ ।
ଅବଶୋଷ ଖାଲି ମୋ ମନ କାହାଣୀ
ରହିଗଲା ସବୁଦିନ ।।

*ବୀରକିଶୋର ପଣ୍ଡା*
*ରାଜଗୁରୁପୁର, ଘଂଟେଶ୍ୱର, ଭଦ୍ରକ*
*ମୋ- 8920094866*

# ମୋ ଗାଁ

ମୋ ଗାଁ ଆଜିବି ଆଗପରି ଅଛି କିଛି ବଦଳି ଯାଇଛି ଆଉକିଛି ସେମିତି ରହିଯାଇଛି ଆଜିବି ଗାଁର ଆରମ୍ଭେ ସେଇ ବୁଢ଼ା ବରଗଛ ସତେଯେମିତି ମଣିଷ ପରି ଛିଡ଼ା ହୋଇରହିଛି । ବୁଢ଼ିମଙ୍ଗଳା, ବାବାମଣି ଆଜିବି ଗାଁକୁ ଜଗି ବସିଛି କିଛି ବଦଳିଯାଇଛି। ଅନେକ ସମୟର ପରିବର୍ତ୍ତନରେ ବିଦାୟ ନେଇଛନ୍ତି ଗାଁ ରେ ଦେଖିବାକୁ ମିଳେନାହିଁ ଆଜି ଚାଳଛପରଘର ଆଉ ଦେଖିବାକୁ ମିଳେନି ଗାଁର ସେଇ ନାଲି ମାଟିର ମାଟି କାଦୁଅର ପଥ । ଦେଖିବାକୁ ମିଳେନି ଆଉ ବେହେରା ଘର ମାଟି ପିଣ୍ଡାରେ, ପୋଖରୀ କୂଳରେ ବଡ଼ ଜେଜେମାନଙ୍କର ଗପର ଆଶରାଜମେନି। କି ଗାଁର ବୁଢ଼ିମା ମାନଙ୍କରବି ଲୁଡ୍ଡୁ, ତାସ୍ ର ପାଲିପଡେନି ଗାଁରୁ, ଦାସିଆ ପାଖରୁ ବିଦାୟ ନେଇଛନ୍ତି ଆଜି ଗାଁର ମଉଡ଼ମଣି (ଆଦିକନ୍ଦ, ବରି, ଶାମା, କୁଶ, କୁଳମଣି ଆଦି) ଜେଜେ ମାନେ।

ଆଜି ଆଉ ଶୁଣିବାକୁ ମିଳେନି ତାଙ୍କ ମୁଖରୁ "ଭଜନିତାଇଗୌର" ସନ୍ଧ୍ୟା କାଳରେ ଦାସଙ୍କ ନିକଟରେ କି ଶୁଣିବାକୁ ମିଳେନି ତାଙ୍କ ଠାରୁ କାଳିଦାସ ଙ୍କର ଅତୀତର କାହାଣୀ। ପୋଖରୀ କୂଳରେ ଥିବା ଦୁଇ କଦମ୍ବ ଗଛ ଖୁବ୍ ସୁନ୍ଦର ଥିଲା ଆଜି ସେବି ସମୟ ସହିତ ଛାଡ଼ି ଚାଲିଯାଇଛି ପୋଖରୀ କୂଳ ଆଜି ନିସ୍ତବ୍ଧ ହୋଇଯାଇଛି।

ଆଜିବି ଲୋକମାନଙ୍କର ଆଶା ରହିଛି "ଦାସିଆ ମନ୍ଦିରକୁ" ପର୍ଯ୍ୟଟନ ସ୍ଥଳିରମାନ୍ୟତା ମିଳିବ ବୋଲି। ଶୀତ ପାହାନ୍ତି ରେ ଆଉ ଦେଖିବାକୁ ମିଳେନାହିଁ ହେଂସ, ମଶିଣା ବୁଣିବାର ଗାଁର ପକ୍କା ଚଉଁରାରେ ଆଜି ମାର୍ବଲ ସଜାଇ ଦିଆଯାଇଛି। ତଥାପି ମୋ ଗାଁ ଆଜି ଆଗପରି ଅଛି ଆଉ ଖୁବ୍ ସୁନ୍ଦର ଲାଗେ ମୋ ଗାଁ ପରିବେଶ ।

*ଶ୍ରାବଣୀ ଜେନା*
*କେନ୍ଦ୍ରାପଡ଼ା, ବଡକରପୁର*

# ଦୋଷ କାହାର

ଜୀବନର ଅନେକ ଦ୍ୱନ୍ଦ୍ୱ ଭିତରେ
ତୁମକୁ ଖୋଜି ପାଇଥିଲି
କିନ୍ତୁ,ସେଇଟା ବି କ୍ଷଣସ୍ଥାୟୀ ଥିଲା
ଜାଣିବାରେ ଅକ୍ଷମ ଥିଲି ।

ତୁମକୁ ପାଇ ଭାବିଥିଲି ସବୁ ମିଳିଗଲା
ଭାବି ଥିଲି ତୁମେ ହିଁ
ଜୀବନର ଅନ୍ତିମ ସୁଖ...
ଯାହାକୁ ନେଇ ସାରା ଜୀବନ
ସୁଖରେ କାଟି ଦେବି ।

କିନ୍ତୁ ସେଇ ସୁଖ ବି କେମିତି,କିପରି
ଅଦୃଶ୍ୟ ହେଇ ଗଲା
ମନେ ପକେଇଲା ବେଳକୁ
ଦୁଇ ଆଖି ପାଲଟି ଯାଏ
ଦୁଇଟି ପ୍ରକାଣ୍ଡ ହିମବାହ ।

ସମୟର ଚକ୍ର ଏମିତି ଘୁରିବ
ହୃଦୟକୁ ଏମିତି ରକ୍ତାକ୍ତ କରିକି
କ୍ଷତ ବିକ୍ଷତ ଅବସ୍ଥାରେ ଛାଡ଼ି ଦେବ
ସେଇଟା ଥିଲା ବିଶ୍ୱାସର ବାହାରେ ।

ଆଜି ବି ସକାଳ ସୂର୍ଯ୍ୟର
ପ୍ରଥମ କିରଣ
ଭୂମିକୁ ସ୍ପର୍ଶ କରିବା ପୂର୍ବରୁ
ତୁମରି ସ୍ମୃତିରେ
ଭୂମିକୁ ସ୍ପର୍ଶ କରି ଯାଏ
ଲୁପ୍ତ ପ୍ରାୟ ଅବସ୍ଥାରେ ଥିବା
ଦି ଟୋପା ଲୁହ ।

କିନ୍ତୁ ଦୋଷ କାହାର ଥିଲା...
ମୋର,ତୁମର ନା ସମୟର
ନା,ସମୟ ମୋତେ ଗୋଟେ
ବିରାଟ ଶିକ୍ଷା ଦେଇ ଗଲା...??

*ଭାବଗ୍ରାହୀ ମେହେର*
*କଁସିଲ, ବଙ୍ଗୋମୁଣ୍ଡା, ବଲାଙ୍ଗୀର*
*ମୋ - 9777506483*

# କାଳଜୟୀ



ବିଶ୍ବାସ ତୁମ ଠାରେ ଥିଲା ବୋଲି
ଆକାଶ ରୁ ଜହ୍ନ କୁ ତୋଳି ଆଣି
ତୁମ କୋଳ ରେ ରଖିଲି
ପାହାଡ଼ ସହ ଲଢିଲି
ଝଡ଼ ର ସାମ୍ନା କଲି
ସାଗରର ପ୍ରତିକୂଳ ସ୍ରୋତ ରେ
ଭାସିଲି ଅନେକ ଦୂର
ମେଞ୍ଚା ମେଞ୍ଚା ସ୍ବପ୍ନ ସବୁ ଶୁଖି ଝଡ଼ି
ଭାସି ଗଲେ ଆଖିର ଲୁହରେ
ଦୁଇ କୂଳ ଉଛୁଳିଲା ବନ୍ଧ ବାଡ ଭାଙ୍ଗି
ଅନେକ ବିନିଦ୍ର ରଜନୀ ପାହିଲା
ତୁମ ଅପେକ୍ଷା ରେ ।
ତୁମ ବିରହ ରେ
ଭିଜିଗଲା ତନୁମନ
ବେଳାଭୂମି ବାଲିରେଣୁ
ପାଲଟିଲା ସ୍ମୃତି ମରମ ର
ଲେଖୁଥିଲି କବିତା ମୁଁ ଗୁମୁରି ଗୁମୁରି
ତୁମେ କହିଥିଲ ନା
ଦୁଃଖ ପୂର୍ଣ୍ଣ କବିତା ଟା କାଳଜୟୀ ବୋଲି
ଆଜି ତାହା ହିଁ ହୋଇ ଛି
ସେ ମୋ ସହିତ ଅଛି ।
ସେ ମୋ ସହିତ ଅଛି ।

*ପ୍ରତିମା ମିଶ୍ର*
*ସୃଷ୍ଟି ନିଳୟ, ଡୁମୁଡୁମା, ଭୁବନେଶ୍ୱର*

# ସସେମିରା



ବିଶ୍ବାସଘାତର କଣ କିଛି
ବର୍ଣ୍ଣ ଥାଏ ନା ରୂପ ଥାଏ,
ନା କିଛି ଗନ୍ଧ ଥାଏ ????
ତାକୁ ଚିହ୍ନିବାକୁ,
ଦେଖି, ପରଖି,
 ନିଜକୁ ଦୂରେଇ ନେବାକୁ
ତା' ମାୟାବୀ ପଞ୍ଝାରୁ
ତା'  ଲୋଭନୀୟ
ବିଷାକ୍ତ ମୋହରୁ !!

ସେ ତ ଅନ୍ତରର ଅନୁଭବଟିଏ,
ଯାହାକୁ ଜାଣିହୁଏ,
କିନ୍ତୁ ପ୍ରମାଣିତ କରିବାକୁ
ଭାଷା ହିଁ ନଥାଏ,
ଚିରିଦିଏ ହୃଦୟର
ପରସ୍ତ ,ପରସ୍ତ
ବିନା ଲହୁରେ ବ୍ୟବଚ୍ଛେଦ କରି,
ଚେଷ୍ଟା କରେ,
 ନିଜକୁ ବୁଝାଇବାକୁ,
ହେଃ! ଏମିତି ତ

ହେବାର ହିଁ ଥିଲା,
ଆଉ ଠିକ ସେତେବେଳେ
ସରଳ ମନଟା,
ଇଚ୍ଛା କରେ ନେବାକୁ
ଜୀବନ୍ତ ସମାଧି,
ହୃଦୟର ଅଳିନ୍ଦ ଭିତରେ ,
ସମ୍ପର୍କର ପରିଭାଷା ଭୁଲି
କଇଁଛର ଆବରଣ ତଳେ
ନିଜକୁ ଲୁଚାଇ!!!

ଯୁଗ ପରେ ଯୁଗ ବିତେ,
ବିଶ୍ୱାସଘାତ ର ଖାଲି
ସଂଜ୍ଞା ଟି ବଦଳେ,
ଜଗତର ସ୍ୱାର୍ଥପାଇଁ
ବଳୀ, ଅଭିମନ୍ୟୁ,
ବେଲାଳସେନ,
ନିତି ପ୍ରତି ହୁଅନ୍ତି ନିହତ,
କିନ୍ତୁ, ସବୁଜାଣି ଇତିହାସ
ସ୍ୱର୍ଣ୍ଣାକ୍ଷରେ ଲେଖିଦିଏ
ନାମ ତାଙ୍କ ବୀର ତାଲିକାରେ।

କିନ୍ତୁ, ମଣିଷ କି କେବେ ବୁଝେ
ହୃଦୟର ଚାପା ଆର୍ତ୍ତନାଦ,
ଅକୁହା ମନର କଥା,
ଅବ୍ୟକ୍ତ ଛାତିର ବ୍ୟଥା ???

ଯେଉଁ ଦିନ ଏକଥା ବୁଝିବ,
ବିଶ୍ବାସଘାତର ଖୋଳପା
ହୃଦୟୁ କାଢ଼ିବ ,
ସେଦିନ ହୁଏତ !!!
ଏ ପୃଥିବୀ ପାଲଟିବ ସ୍ୱର୍ଗ,
ଅଧା ସ୍ୱର୍ଗ ଯଜ୍ଞ ଶେଷେ
ମିଳିବନି ତ୍ରିଶଙ୍କୁ ମାନଙ୍କୁ !!!
"ସସେମିରା " ଜପି ଜପି
ଏ ମଣିଷ ଧରିବନି
ଭଲ୍ଲୁକ ସ୍ୱରୂପ !!!

*କଳ୍ପନା ମିଶ୍ର*
*ମାର୍କୋଣା, ବାଲେଶ୍ୱର*
*ମୋବାଇଲ ନମ୍ବର - 9937729161*

# ସବୁଜ ସ୍ୱପ୍ନ

ପ୍ରଭାତ ଆଗମନ ର ପୂର୍ବ ସମୟ
ଯେତେବେଳେ ସ୍ୱପ୍ନ ର
ବାସ୍ତବତା ହୋଇଥିଲା କ୍ଷୟ
ସମୟ ଓ ପରିସ୍ଥିତି ର
ଯନ୍ତ୍ରଣା ଥିଲା ଅସହ୍ୟ
ଅତିତ ଓ ଭବିଷ୍ୟତ ର
ସ୍ୱପ୍ନରେ ମନ ଥିଲା ଅଥୟ.....।

ଘରେ କୁହନ୍ତି ବିବାହ ର ବୟସ
ତୋର ହେଲାଣି ଉପସ୍ଥିତ
ଯୋଗ୍ୟ ବରପାତ୍ର ଟିଏ
ପାଇଁ ସମସ୍ତେ ବ୍ୟତିବ୍ୟସ୍ତ
ଭବିଷ୍ୟତ ର ଅଚିହ୍ନା କୋକୁଆ ଭୟରେ ମନ ମୋର ବିବ୍ରତ
ସବୁଜ ସ୍ୱପ୍ନ ର ଶେଷ ଦୃଶ୍ୟ ରେ
ଆଜି ମୁଁ ଆହାତ.....

କହିବି କାହାକୁ ଶୁଣିବ କିଏ ?
ମୁଁ ପଢ଼ିବାକୁ ଚାହେଁ
ସ୍ୱପ୍ନ ର ଉର୍ଦ୍ଧ୍ୱ କୁ ଉଠି,
ଶିର୍ଷ କୁ ଛୁଇଁବାକୁ ଚାହେଁ...

ଘରଲୋକ ଦେଖନ୍ତି ବାସ୍ତବତାର ଜୀବନ
ମାତ୍ର,ଆଜି ମଧ ମୁଁ କଳ୍ପନା ରେ ପରିପୂର୍ଣ୍ଣ
କେଜାଣି କିପରି କରିବି ଭବିଷ୍ୟତକୁ ନିୟନ୍ତ୍ରଣ
ଭବିଷ୍ୟତର ଅନ୍ଧାରେ ଆଜି ମୁଁ ଅପହରଣ।

ଅନେକ କଲେଜ ପଢୁଆ ପୁଅଝିଅ
ସମାଜ ର ନିୟମ କୁ ଖାତିରି ନକରି
ପଳାୟନ କରନ୍ତି ଅଚିହ୍ନା ମଣିଷ ସହ।
ଏସବୁ  ଦ୍ୱାରା ପ୍ରଭାବିତ ଆମ ପିତାମାତା
ଭୟପାଇ ସାଜିଥାନ୍ତି କନ୍ୟାଦାତା
ମାତ୍ର, ମୁଁ ତ ଘଟାଇନାହଁ କିଛି ଅଘଟଣ
ତଥାପି କାହିଁକି ?
ହଜିଯାଏ ମୋ ସବୁଜ ସ୍ୱପ୍ନ......

ଉଡି ଉଡି କ୍ଳାନ୍ତ ପ୍ରଜାପତି ଟି ପରି
ଖୋଜିବୁଲେ ସଫଳତା ର ଚାବିକାଠି
ହେଲେ ଜନଶୂନ୍ୟ ବାଲୁକାରାଶି  ମରୁଭୂମିରେ
ଜଳଶୂନ୍ୟ ମରିଚିକା ଆଜି ସବୁଠି
ସେହି ଦିଗହଜା ନିଶିଥିନି ରେ
    ପଥ କଢ଼େଇ ନେଇ
କିଏ ଦିଅନ୍ତା କି ଉଦବୋଧନ
ଫେରିଯାଆନ୍ତି ମୁଁ ମୋ ସବୁଜ ସ୍ୱପ୍ନ.....

ଯେବେ ଏକାକିନୀ ବସି
ଝର୍କା ର ଅପର ପାର୍ଶ୍ୱରେ
ଦେଖେ ପୂର୍ଣ୍ଣିମା ର ଜହ୍ନ ।
ଜାତିସ୍ମର ଟେ ପରି
ପ୍ରଶ୍ନ କରେ ନିଜ ମନରେ
କ'ଣ ? ସତରେ କେବେ
ବାସ୍ତବ ହେବ ମୋ ସବୁଜ ସ୍ୱପ୍ନ......

*ପୂଜା ସାହୁ*
*ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ*
*ଭୁବନେଶ୍ୱର, ଓଡ଼ିଆ ବିଭାଗ (ଦ୍ୱିତୀୟ ବର୍ଷ)*

# ଖୁସିର ସନ୍ଧାନେ ମାନବ



ଏକ ଅଞ୍ଚଳ ରେ ଗୋଟିଏ ଯୁବକଟିଏ ଥିଲା । ସଦାସର୍ବଦା ଦୁଃଖିତ ରହୁଥିଲା ସେ । ଯାହା ବି କାର୍ଯ୍ୟ କଲେ ମଧ୍ୟ ସେଥିରେ ସେ ପୂର୍ଣ୍ଣ ରୂପେ ଖୁସି ପାଇପାରୁନଥିଲେ ।

ଯୁବକ ଜଣକ ମନସ୍ତ କଲେ ଏହାର ସମାଧାନ ପାଇଁ ସେ ତାଙ୍କ ଗୁରୁଙ୍କ ନିକଟକୁ ଯିବେ । ଯୁବକ ଜଣକ ଗୁରୁଙ୍କୁ ଭେଟି ପ୍ରଶ୍ନ କଲେ " ଗୁରୁଦେବ ଆପଣ ସର୍ବଦା କିପରି ଆନନ୍ଦରେ ରହୁଛନ୍ତି ?!" ମତେ ମଧ୍ୟ ଶିଖାଇ ଦିଅନ୍ତୁ ମୁଁ କିପରି ଆନନ୍ଦ ରେ ରହିପାରିବି !! କାରଣ ମୁଁ ବହୁତ କଷ୍ଟରେ ଅଛି । ଗୁରୁଦେବ କହିଲେ ଠିକ୍ ଅଛି ମୁଁ କହୁଛି କିପରି ତୁମେ ଆନନ୍ଦ ରହିବ,ଖୁସିରେ ଜୀବନ କାଟିବ । ଏହା କହି ଗୁରୁଦେବ କିଛି ଅମୂଲ୍ୟ ବାର୍ତ୍ତା ଦେଉଥାନ୍ତି ଯୁବକଙ୍କୁ ।

ହଠାତ୍ ପ୍ରବଳ ବର୍ଷା ହେବାକୁ ଲାଗିଲା ।ସେମାନେ ଦେଖିଲେ କିଛିଦୂର ରେ ଗୋଟିଏ କୁଡିଆରେ କିଛି ଲୋକ ଆଶ୍ରୟ ନେଇଛନ୍ତି । ରାସ୍ତାରେ ଏକ ବଡ ଝଙ୍କାଳିଆ ଗଛଟିଏ ପଡିବାରୁ ଗୁରୁ ଶିଷ୍ୟ ଦୁହେଁ ସେଠାରେ ଆଶ୍ରୟ ନେଲେ । ଧିରେ ଧିରେ ବର୍ଷା ବଢିବାକୁ ଲାଗିଲା । ଗୁରୁ ଶିଷ୍ୟ ଗଛ କୋରଡ ରେ ଆଶ୍ରୟ ନେଲେ । ଗୁରୁ ଟିକିଏ ହସିଦେଇ ଯୁବକ ଜଣକୁ କହିଲେ ଜୀବନର ପ୍ରତ୍ୟେକ ଜିନିଷକୁ ନିରୀକ୍ଷଣ କରିବା ଉଚିତ୍ । ଠିକ୍

ଏହି ସମୟରେ ହଠାତ୍ ଜୋର୍ ରେ ପବନ ଦେଲାରୁ ଦୂରରେ ଥିବା କୁଡିଆଟିର ଛପର ଉଡିଗଲା । ଭିତରେ ଯେଉଁ ଲୋକମାନେ ଥିଲେ ସେମାନଙ୍କ ମଧ୍ୟରୁ କିଛି ଲୋକଙ୍କ ପାଖରେ ଛତା ଥିଲା । ସେମାନେ ଛତା ଖୋଲି ବସିଲେ । କିଛି ସମୟ ପରେ ପୁଣି ଏକ

ପବନରେ ତାଙ୍କର ଛତା ମଧ ଉଡିଗଲା । ଅଧିକାଂଶ ଲୋକ ଦୌଡି ଏଣେତେଣେ ଆଶ୍ରୟ ଖୋଜିବାକୁ ପଳାଇଗଲେ । ଗୁରୁଦେବ ନିରୀକ୍ଷଣ କଲେ ଛପର ଉଡିଗଲା,ଛତା ମଧ ଉଡିଗଲା । ସେଠାରୁ ସମସ୍ତେ ଚାଲିଗଲେ କିନ୍ତୁ ଗୋଟିଏ ଲୋକ ସେଠାରେ ସେମିତି ବସିରହିଛି । ଲୋକଟି ତାର ମୁଣ୍ଡରେ ଗୋଟିଏ ଟୋପି କୁ ଭିଡି ଧରିଛି । ଏହି ସମୟରେ ଗୁରୁଦେବ ତାଙ୍କ ତାଳପତ୍ର ଛତାକୁ ଲୋକଟିର ମୁଣ୍ଡରେ ଦେଇ ସେଠାରୁ ଚାଲିଗଲେ ଝଙ୍କାଳିଆ ଗଛ ନିକଟରେ ଥିବା ତାଙ୍କ ଶିଷ୍ୟ ନିକଟକୁ ।

ଶିଷ୍ୟ ଜଣକ ଏସବୁ ଘଟଣା କୁ ଲକ୍ଷ୍ୟ କରୁଥିଲେ । ଗୁରୁଦେବଙ୍କ ନିକଟରେ ଯାଇ ଶିଷ୍ୟ ଜଣକ ପଚାରିଲେ "ଗୁରୁଦେବ ଆପଣ ଏ କଣ କଲେ,ଆପଣଙ୍କ ଛତା ତାଙ୍କୁ ଦାନ କରିଆସିଲେ"!!ସେଠାରେ ତ ସବୁ ଲୋକ ଦୌଡାଦୌଡି ହୋଇ ଓଦା ହେଉଛନ୍ତି କିନ୍ତୁ ସେହି ଗୋଟିଏ ଲୋକ ତାର ଟୋପି ଧରି ବସିଥିଲା,ଆପଣ ତାକୁ ଆପଣଙ୍କ ଛତା ଦେଇଦେଲେ । ଏହାର ମହତ୍ୱ କଣ?? ଗୁରୁଦେବ ଟିକିଏ ହସିଦେଇ ଶିଷ୍ୟଙ୍କୁ କହିଲେ:- ସବୁ ଜିନିଷ ଘଟି ଚାଲିଛି । ବର୍ଷା ହେଲା ଛପର ଉଡିଗଲା,ଛତା ମଧ ଉଡିଗଲା କିନ୍ତୁ ଲୋକଟି ତାର ଟୋପିକୁ ଛାଡିନି । ମୁଣ୍ଡ କୁ ଓଦା ହେବାକୁ ଦେଇନି । ଏସବୁ ଗୁରୁଙ୍କ ପାଖରୁ ଶୁଣି ଯୁବକ ଜଣକ ଭାବିଲେ ଏଥିରେ କିଛି ତ ଗୋଟିଏ ରହସ୍ୟ ଅଛି ଓ ଗୁରୁଙ୍କୁ ପଚାରିବାକୁ ଲାଗିଲେ । ଗୁରୁଦେବ କହିଲେ ଜୀବନରେ ଦୁଃଖ କଷ୍ଟ ଆସେ ଠିକ୍ ବର୍ଷା ଆସିବା ପରି । ଛପର ଉଡିଯିବାରୁ ଲୋକେ ଛତା ଧରି ବସିଲେ ଠିକ୍ ସେହିପରି ଆମ ଜୀବନରେ ଛତା ଅର୍ଥ ଆମ ଆଖପାଖ ଲୋକ । ଏସବୁ ପରେ ଲୋକମାନେ ଦୌଡାଦୌଡି ହେଲେ ଠିକ୍ ସେହିପରି ଜୀବନରେ ଦୁଃଖ ସମୟରେ ଆଖପାଖ ଲୋକ ପାଖରେ ନ ରହିଲେ ବିପଦ ରେ ଥିବା ଲୋକେ ଇତସ୍ତତ ଭାବେ ଏଣେତେଣେ ଦୌଡନ୍ତି । ଏହା ହିଁ ହେଉଛି ଜୀବନର ସତ୍ୟତା ।

ଠିକ୍ ସେହିପରି ଆମେ ସମସ୍ତେ ଗୋଟିଏ କୁଡିଆ ମଧ୍ୟରେ ଅଛନ୍ତି । ଆମେ ଭାବୁଛନ୍ତି କୁଡିଆରେ ଆମେ ସୁରକ୍ଷିତ । କିନ୍ତୁ ହଠାତ୍ ଆମକୁ କିଛି ଦୁର୍ଘଟଣା ବା ଖରାପ ପରିସ୍ଥିତି କୁ ସାମ୍ନା କରିବାକୁ ପଡୁଛି,ତାହା ହିଁ ହେଉଛି କୁଡିଆର ଛପର ଉଡିଯିବା ସ୍ଥିତି । ଖରାପ ପରିସ୍ଥିତିରେ ଆମେ ଆମ ଆଖପାଖ ଲୋକଙ୍କୁ ଖୋଜିଥାନ୍ତି....କିନ୍ତୁ ସେତେବେଳେ ସେମାନେ ମଧ୍ୟ ସାହାରା ଦିଅନ୍ତି ନାହିଁ...ବାହାନା କରି ଚାଲିଯାଆନ୍ତି ଠିକ୍ ଛତା ପରି । ଏହି ସମୟରେ ଆମ ଅବସ୍ଥା ସଂପୂର୍ଣ୍ଣ ରୂପେ ବର୍ଷାରେ ଓଦା ହେଉଥିବା ଲୋକ ମାନଙ୍କ ପରି ହୋଇଯାଏ । ଯେଉଁମାନେ ଦୌଡୁଛନ୍ତି ସେମାନେ ଦୌଡିବେ । କିନ୍ତୁ ଯିଏ ଟୋପି ଧରି ରହିବ ତାଙ୍କୁ ଗୁରୁଙ୍କ ଛତା ମିଳିବ... । ଗୁରୁଙ୍କ କଥାରୁ ଯୁବକ ଜଣକ କିଛି ଜାଣିପାରିଲେ ତେଣୁ ପଚାରିଲେ ଗୁରୁଦେବ ଆମ ଜୀବନରେ ଟୋପି କଣ? ଗୁରୁଦେବ କହିଲେ ଏହି ଟୋପି ଅର୍ଥ ହେଉଛି "ଖୁସି" । ଜୀବନରେ ସବୁ ଜିନିଷ ଚାଲିବ । ଆମ ମନ ମୁତାବକ ସବୁକିଛି ହୁଏନାହିଁ । ଯେକୌଣସି ପରିସ୍ଥିତି ଆସିଲେ ମଧ୍ୟ ଖୁସିର ଟୋପି ଉଡି ନ ଯିବା ଦରକାର । ଦୁନିଆଁରେ କୌଣସି ଘଟଣା ଆମ ହାତରେ ନାହିଁ କିନ୍ତୁ କୌଣସି ପରିସ୍ଥିତିରେ ଆମ ମନ ବିଚଳିତ ହେବା ଉଚିତ୍ ନୁହଁ । ଯଦି ମନ ମସ୍ତଷ୍କ ଓଦା ହେବ ତେବେ ରାସ୍ତାରେ ଦୌଡୁଥିବା ଲୋକଙ୍କ ଭଳି ପରିସ୍ଥିତି ହୋଇଯିବ । ତେଣୁ ଯେକୌଣସି ପରିସ୍ଥିତି ଆସୁ ମଧ୍ୟ ଟୋପି ଉଡିନଯାଉ.....ମୁଣ୍ଡ ଓଦା ନ ହେଉ । ଏଥିପ୍ରତି ଧ୍ୟାନ ଦେବା ଉଚିତ୍।

ଗୁରୁଦେବ ପୁଣି ଟିକିଏ ହସି କହିଲେ ଜୀବନରେ ପରିସ୍ଥିତି ଅନୁକୂଳ ହେଉ କି ପ୍ରତିକୂଳ ଆମେ ଯଦି ଖୁସିରେ ଥିବା ତେବେ ସମସ୍ତ ପରିସ୍ଥିତି ସହ ମୁକାବିଲା କରିବାର ସାମର୍ଥ ଆମ ପାଖରେ ରହିପାରିବ । ସର୍ବଦା ଖୁସି ରୂପକ ଟୋପିକୁ ପିନ୍ଧି ରଖିଲେ ବଡ ବଡ ସମସ୍ୟା ମଧ୍ୟ ସହଜରେ ସମାଧାନ ହୋଇପାରିବ । ଏହି ଅମୂଲ୍ୟ ବାକ୍ୟକୁ ସର୍ବଦା ମନେରଖିବାକୁ ଗୁରୁ ଶିଷ୍ୟଙ୍କୁ ପରାମର୍ଶ ଦେଲେ ଓ କହିଲେ ଏହା ହିଁ ହେଉଛି ତୁମ ସମସ୍ତ ସମସ୍ୟାର ସମାଧାନ ।

*ଶିବଦୂତୀ ପାଣିଗ୍ରାହୀ*
*ଯାଜପୁର*

# ବନ୍ଦେ ମାତରଂ



ପବିତ୍ର ଧାରା ସରିତ      କୋଳେ କେତେ ପ୍ରବାହିତ
ଉଡ଼େ ଫରଫର ସୌମ୍ୟ ତ୍ରିରଙ୍ଗା ନେତ
ହୀରକ, ମୋତି ସମାନ      ଗରଭୁ କୋଟି ସନ୍ତାନ
ଅମୃତ ଲଗନେ ଆସି ହେଲେ ଜନ୍ମିତ
ଧନ୍ୟ ଧନ୍ୟ ରତନ-ଗର୍ଭା
ପ୍ରକାଶନ୍ତି ପୂର୍ଣ୍ଣ ଶଶୀ ପ୍ରାୟକ ଶୋଭା ⍰⍰

ସୁଶୋଭିତ ଗିରିବର      ତୁଷାର ମୁକୁଟ ଯାର
ଉଲ୍ଲାସେ ବିଧୌତ ପାଦ ମହାସାଗର
ଛନ୍ଦେ ଗାଇ ସୁରାଗିଣୀ      ବକ୍ଷେ ବହେ ନିର୍ଝରଣୀ
ପବିତ୍ର ଜାହ୍ନବୀ ନଦୀ ଗଳାର ହାର
ବିନ୍ଧ୍ୟ ଗିରି କଟି ମେଖଳା
ବୀସ୍ତିର୍ଣ୍ଣ ପ୍ରାନ୍ତର ଭୂମି ଚିର ଶ୍ୟାମଳା ⍰⍰

ମହା ବିଜ୍ଞ ସନ୍ଥ, ମୂନୀ      ପ୍ରଚାରି ଅମର-ବାଣୀ
କୁସୁମିତ କରିଛନ୍ତି ଜୀବନ ପଥ
ସୁଜ୍ଞାନ ବର୍ତ୍ତିକା ଜାଳି      ଅଜ୍ଞାନ ତମିସ୍ରା ଟାଳି
ସୁଦିବ୍ୟ ଚେତନା ଭରି ସବୁରି ଚିତ୍ତ
ଜନ ହିତେ ଜୀବନ ବ୍ରତ
ଜଡଭରତ ମୂନୀ ଙ୍କ ନାମେ ଭାରତ ⍰⍰

ଗୁରୁ,ଯନ୍ତ୍ରୀ, ବୈଜ୍ଞାନିକ    ମହାନ କବି, ଲେଖକ
ସେବା ରତ ନିଶି ,ଦିବା ଉତ୍ସର୍ଗୀକୃତେ
ଦାର୍ଶନିକ,ଚିକିତ୍ସକ    ସଙ୍ଗୀତଜ୍ଞ,ସୁଗାୟକ
ଜନ୍ମଭୂମି ଜୟ ଘୋଷେ ଥା'ନ୍ତି ନିରତେ
କାଳଜୟୀ ଲେଖନୀ ଧାର
ଶୁଭେ ବେଦ-ମନ୍ତ୍ର ଧ୍ୱନି ସଙ୍ଗେ ଓଁକାର    ??

ପ୍ରଭାତ ବନ୍ଦନା ଗାଇ    ନଭେ ଖଗ ଭ୍ରମୁଥାଇ
ଶକତି ସଞ୍ଚାର ଘେନି ଉଦୟ ଭାନୁ
ବିବିଧ କୁସୁମ ଫୁଟି    ବାଟିକା ରେ ପଡେ ଲୋଟି
ଶତ ସୁଗନ୍ଧ ବର୍ଣ୍ଣାଳୀ ଯାହାର ତନୁ
ଦେବାଳୟେ ଘଣ୍ଟା ଶବଦ
ଶୁଭି କର୍ଣ୍ଣେ ଭରୁଥାଏ ମହା ଆହ୍ଲାଦ    ??

ପୁଞ୍ଜି ପୁଞ୍ଜି ତାରା ରାଶି    ସୁବିମଳ ପୂର୍ଣ୍ଣଶଶୀ
ଷଡ-ଋତୁ ଆସେ ହସି ତୋହରି କୋଳେ
ଭିନ୍ନ ଭିନ୍ନ ଭାଷା,ଧର୍ମ    ଏକତା ଥାଏ ଅକ୍ଷୁଣ୍ଣ
ଭାଇଚାରା ପ୍ରୀତି ଭରା ଆନନ୍ଦ ଭୋଳେ
ବିଶ୍ୱେ ଶ୍ରେଷ୍ଠ ଭାରତଭୂଇଁ
ଭାରତେ ଅଭାବ ଯାହା ମରତେ ନାହିଁ    ??

ଅମର ବୀର-ଯବାନ    କୃଷକ ଭୂମି-ସନ୍ତାନ
ହସି ହସି ବଳିଦାନ ଦେଇ ଜୀବନ

ସ୍ୱଦେଶ ମାତୃକା ପାଇଁ      ସତତ ଜାଗ୍ରତ ରହି
ବକ୍ଷଦେଶେ ଫୁଟି ଅଛି ଶତୃ କମାଣ
ଚିର ପୂଜ୍ୟ ଦିବ୍ୟ ସନ୍ତାନ
ଦେଶର ନମସ୍ୟ ଘେନ ଶତ ନମନ   ⍰⍰

ଆଗତ ପ୍ରାୟ ସୁଦିନ      ଚକିତ ବିଶ୍ୱ ଲୋଚନ
ଦେଶ ନେବ ଗୁରୁ ସ୍ଥାନ ଏକଥା ତଥ୍ୟ
ଉଦିତ ହେବେ ଆଦିତ୍ୟ      ଏହାହିଁ ତ ଧ୍ରୁବ- ସତ୍ୟ
ଗୁଞ୍ଜରିତ ଜୟ-ଧ୍ୱନୀ ଭାରତ ଜୟ
"ଭାରତୀ ଗୋ" ପ୍ରଣତୀ ଘେନ
ପୂଣ୍ୟ ବଳେ ଜନ୍ମି କୋଳେ ଜୀବନ ଧନ୍ୟ   ⍰⍰

*ମୀନାକ୍ଷୀ ପଣ୍ଡା*
*ମଙ୍ଗଳପୁର, ଯାଜପୁର*

# ସମ୍ପର୍କ ସ୍ମୃତି ସହ



ସମୟ ଭସେଇ ନିଏ ...
ଭୁଲ ତ୍ରୁଟିର ଅଳିଆ ଯେତେ,
ପାପ ପୂଣ୍ୟର ଅନୁଭୂତି...
ସାରା ଇତିହାସ ଲେଖେ।
ସ୍ମୃତି ର ପରଶ...
ଅଜର ଜଡ଼କୁ ଜୀବନ୍ତ କରେ,
ବ୍ୟଥାର ପରାସ...
ସୁଖର ଲହରି ଆବେଗ ଭରେ ।
ବାଲ୍ୟ,କୈଶୋର,ଯୌବନ....
ଦିଶେ ଭିଜା ଆଖିରେ,
କେତେ ଉଦ୍ଦାମତା,ଅପୂର୍ଣ୍ଣତା....
ତଉଲେ ମନ ମନରେ।
ଅଭିଯୋଗ, ଅଭିମାନ...
ସବୁ ସ୍ମୃତି କିନ୍ତୁ ଅଭିନ୍ନ-
ନିଃସଙ୍ଗ ଜୀବନ...
ଧିରେ ହୁଏ ଜୀବନ୍ତ ପରିପୂର୍ଣ୍ଣ ।
ପୁରୁଣା କୁ ନୂଆ...
ଆଁ ମେଲି ଗିଳି ଦିଏ,
ସ୍ମୃତି ସହ ନିଗୁଢ ସମ୍ପର୍କ...
ଆଖି କୁ ଦିଶେନି ଛାତିକୁ ଛୁଏଁ।

*ଚନ୍ଦନା ସାହୁ*
*ଯାଜପୁର*

# ଦୁଇଟି କ୍ଷୁଦ୍ର କବିତା



## ଜହ୍ନ

ଜହ୍ନ ଭଳି ତୁମ ମୁହଁ ଦିଶେ ବୋଲି
ମୋତେଲାଗେ ପୁନେଇଁ ପୁନେଇଁ
ତୁମକୁ ମୁଁ କିଛି ପଚାରି ପାରେନା
ଖାଲି ରହିଥାଏ ଚାହିଁ ।
ଯେବେ ତୁମେ ମୋତେ ଚାହିଁ ହସିଦିଅ
ସତେକି ପହିଲି ବରଷା
କୋଇଲିର କୁହୁତାଂନ ଶୁଭୁ ଥାଏ
ଝୁଲୁ ଥାଏ ବାଇଚଢ଼େଇ ର ବସା!
ତୁମେ ଯାହା କୁହପଛେ
ଜହ୍ନ ଭଳି ଦିଶୁଥାଅ
କାକୁଡି, ଜହ୍ନି ଫୁଲ ଠୋ ଠା ଭଳି ତୁମେ ହସୁଥାଅ।

## ଶୋଭା

ଆକାଶ ଆକାଶ କେତେ ତୁ ଡାକୁଛୁ,
ତୋକଥା କି 'ଶୁଣେ ସିଏ...
ଯାହାର କୋଳରେ ସୁରୁଜ ଚନ୍ଦ୍ରମା,
ନିତିସେ' ଖେଳାଉଥାଏ।
ସାଗର ସାଗର କେତେତୁ ଡାକୁଛୁ,
ତୋ କଥାକି 'ଶୁଣେ ସିଏ
କୋଟି କୋଟି ନଈ ସାଥିରେ ମିଶାଇ ବାଲି ବନ୍ଧ ଭାଙ୍ଗିଦିଏ।

ମର୍ତ୍ତ୍ୟ ମର୍ତ୍ତ୍ୟ ବୋଲି କେତେତୁ ଡାକୁଛୁ
ତୋ କଥାକି ଶୁଣେ ସିଏ
ଯାହା ମଥାନରେ ହିମାଳୟ ହିମ ବନ ଗିରି ଶୋଭା ପାଏ....।।

ଦିଗମ୍ବର ବିଶ୍ୱାଳ
କବି ପନ୍ତାକୁଳିଆ, ଧୂଆଁଳ, ବାଲୁଗାଁ

# ବିଜେତାର ବାର୍ତ୍ତା



କେମିତି କେଉଁଠି କାହାକୁ କହିବି
ଭୟ ପାଏ ମନେ ଯାତନା ପାଇବି
ହେଲେବି ଚେଷ୍ଟା ମୁଁ କରିଛି ନିଶ୍ଚଳେ
ବୀର ନ ହେଲେ କି ନପୁଂସକ ହେବି?

ହଜାର ହଜାର ବରଷୁ ଦେଖୁଛି
କଷ୍ଟ ଯନ୍ତ୍ରଣା ଯେ ସଫଳତା' ସାଥୀ
ଯେ କେହି କରିଛି ଅନୁଭବୁଁ କୁହେ
ବିଜେତା ଜିତିଛି ମୁଁ ବି ଜିତିବି ।

ହେଲେ କାହିଁ ଏଠି ଲକ୍ଷ୍ୟ ଲକ୍ଷ୍ୟ ଯୁବା
ବୁଝୁବି ନାହାନ୍ତି ବୁଝିବାର କଥା
ଯାହାବି କରନ୍ତି ପ୍ରରୋଚନା ମଧ୍ୟେ
ସନ୍ଦେହ ଘେରୁଛି କେବାଳେ ହାରିବି!

ମାଆ ବାପା ସାଥୀ ସଭିଏଁ ବୁଝାନ୍ତି
ନିଜ ନିଜ ଅନୁଭବର ସାଉଣ୍ଟା
ମତେ କିନ୍ତୁ କିଛି ନିଜସ୍ୱ ବିଚାରୁ
କରିବାକୁ ହେବ ଯାହା ମୁଁ ପାଇବି।

କରୁ କରୁ ଯଦି ପଡ଼େ ମୁଁ ବାଟରେ
ପୁନର୍ବାର ପାଇଁ କରିବି ପ୍ରୟାସ

ମନୁ ଯେ ନକାଢି ବିଜେତାର ବାର୍ତ୍ତା
କିଛି ନହେଲେତ ଅଭିଜ୍ଞ ହୋଇବି।

ଅଭିଜ୍ଞତା ମୋର ଗଢ଼ିବ ଦେଶକୁ
ଯୁବା ନାରୀ ବୃଦ୍ଧା ଶିଶୁ ଯେ ସଭିଙ୍କୁ
ଦିନେ ସେ ସଫଳ ହୋଇବ ନିଶ୍ଚୟେ
ସେଥିରେ ମୁଁ ନିଶ୍ଚେ ଶାନ୍ତି ପ୍ରାପ୍ତି ହେବି।

*ସତ୍ୟକାମ ପରମଗୁରୁ*
*ଖଣ୍ଡପଡ଼ା, ନୟାଗଡ଼*

**ଅନ୍ୟ ସଂସ୍କରଣ ପଢ଼ିବାକୁ ଆମସହ ଯୋଗାଯୋଗ କରନ୍ତୁ**
**ସମ୍ପାଦକ – ବିଶ୍ୱବିଜୟୀ ଦାଶ**
**ସମ୍ପର୍କ – 6370208428**

# ଧାମ ମାଧରୀ ରେ ଗୋଟେ ଦିନ ର ଅତିଥି



ଯାଇଥିଲି ପୁରୀ ସାଙ୍ଗ ସାଥି ଧରି
ମନେ ଭରି କେତେ ଆଶା
ବଡଦାଣ୍ଡେ ଯେବେ ପାଦ ମୋ ପଡିଲା
ଜାଗିଲା ହୃଦେ ଭରସା ।।
ହେଉଥିଲା ଖରା ଟିକେ ବି କାଉଁଳା
ସୁନେଲି ଖରା କୁ ଟିକେ ଭୋକ ପୁଣି
ଲାଗୁଥିଲା ଟିକେ ତୃଷା ।।
ପାଦ ବଢୁଥିଲା ବଡଦାଣ୍ଡ ଆଡେ
ଚଉଦିଗେ ହରି ନାମ ଡାକରା
ଲାଠି ନାଚ ସାଥେ ନର୍ତ୍ତକୀ ଙ୍କ ଭଙ୍ଗୀ
ସେ ଦୃଶ୍ୟ ଥିଲା ବଡ଼ ନିଆରା ।।
ଦିନ ଗଡୁଥିଲା ସମୟ ସାଥିରେ
ସମ୍ବର୍ଦ୍ଧନା ପର୍ବ ଶେଷ ହୋଇଲା
ସମ୍ଭବ ଟ୍ରଷ୍ଟ ର ସେବା କାର୍ଯ୍ୟ କରି
ଦହି ସରବତ ଲେମ୍ବୁ ପାଣି ଦେଇ
ମନ ମୋର ଭାରି ଖୁସି ଲାଗିଲା ।।
ଭାବି ମୁଁ ନ ଥିଲି ପୁରୀ ଯିବି ବୋଲି
ରଥ ରେ ଦେଖିବି ତିନି ଦିଅଁ ଙ୍କୁ
ଭାଗ୍ୟ ଡୋରି ମୋର ହାତେ ଅଛି ଯାର
ଦରଶନ ଯେବେ ସମ୍ଭବ ହୋଇଲା

ଉଦ୍ଧୁରୀଲି ପାପ ପଙ୍କୁ ।।
ରଥ ଟଣା ଦେଖି ବିଭୋର ମନ ମୋ
ନେତ୍ରୁ ଝରେ ଭାବ ଶ୍ରଦ୍ଧା ର ସିନ୍ଧୁ
ପାରିଲିନି ରୋକି ହୃଦୟ କୋହ କୁ
ଯେବେ ପାଖେ ଥିଲା ମୋର ଜଗତ ବନ୍ଧୁ ।।
ଭୋଗ ଲାଗି କରି ଦରଶନ ସାରି
ଫେରି ଆସିଲି ମୁଁ ବସ ପାଖକୁ
ସାଙ୍ଗ ସାଥି ମେଳେ ସମୟ ବିତିଲା
ଚାଲି ଆସିଲି ମୁଁ ଘର କୁ ।।
ପୁରୀ ରୁ ଫେରନ୍ତା ପୁରୀ ଅତିଥି ମୁଁ
କିବା ବଖାଣିବି ସେ ଅନୁଭୂତି
ରାତି ପାହିଗଲା ଶ୍ରୀକ୍ଷେତ୍ର ଦାଣ୍ଡ ରେ
ଦେଖି ଦେଖି ସେଇ କଳା ମୂରତି ।।

*ସୁମିତ୍ରା ଦଳାଇ*
*ଯାଜପୁର, ପୋଷ୍ଟ -: ରୁଢି*
*ଗ୍ରାମ -: ମାଳଆନନ୍ଦପୁର*

# ପଲ୍ଲୀ ବଧୂ



ଲଜ୍ଜା ବାରି ପଣତ କାନିରେ ଘୋରା
ପଲ୍ଲୀ ବଧୂ ଜୀବନୀ ।
କାକଳୀ ସ୍ୱର ସାଥେ ଆରମ୍ଭ
ଦିନର ପହିଲି ପହର ତାର ।
ଯୌଥ ପରିବାର ସାଥେ
ଜଞ୍ଜାଳି ଜୀବନ ଯିଏ ସଦା ।
ପାହାଡ଼ ଉହାଡରେ ଲୁଚି ଯାନ୍ତି ରବି
ଧିରେ ଧିରେ ସନ୍ଧ୍ୟା ଆସେ ।
ଘଣ୍ଟ ଘଣ୍ଟା ଶୁଭେ ଦୂର ଦେଉଳେ
ଚୌରା ମୂଳେ ଜାଳେ ସଞ୍ଜବତୀ ।
ସଭିଙ୍କ ଆଦର ଯତ୍ନ ନିଏ
ନିଜେ ନିଜ କଥା ଭୁଲି ।
ତ୍ୟାଗର ପ୍ରତିମା ସେ ଦେବୀ
ଜଳେ ନୀତି ହୋଇ ଦୀପ ।
ସଂସାର ସୁଖ ଶାନ୍ତି ପାଇଁ
ଖୋଲେ ନାହିଁ କେବେ କୋହର ପେଡ଼ି ।
ହାତେ ଓଢ଼ଣା ଟାଣି
ଧିରି ଧିରି ଚାଲେ ଗ୍ରାମୀୟ ପଥେ ।
ସମୟ ସାଥିରେ ଇସ୍ପାତ ପଥରେ
ଚାଲୁ ଥାଏ ସେ ସଦା ଧୀରେ ଧୀରେ ।
ସ୍ୱପ୍ନ ତାର ଅନେକ ଥାଏ ମନେ
ବାସ୍ତବେ ବହୁ ଦୂରେ ଜୀବନେ ।
ଦୀପରେ ସଳିତା ହୋଇ ଜଳେ
ଆତ୍ମିୟ ପ୍ରିୟଜନଙ୍କ ପାଇଁ ।
ତାର ଭିନ୍ନ ରୂପ ଧରା ବକ୍ଷରେ
ସେ ଦେବୀ ପାଳନ ହାରି ।

*ଦୀପକ ନାୟକ*
*କୁଣ୍ଡିଗ୍ରା, ଧର୍ମଶାଳା, ଯାଜପୁର*

# ଗୋଟିଏ ରାତିର ପ୍ରେମ କାହାଣୀ

ଦଶମ ପାଠପଢ଼ା ରାଜେନ୍ଦ୍ରର ସରିଯାଏ । ତାପରେ କ'ଣ ପଢିବ ବୋଲି ଭାବିଲା, ଶେଷରେ ନିଷ୍ପତି ନେଲା ଦ୍ୱାଦଶ ପଢିବ ଆଉ ସେଥି ପାଇଁ ଫର୍ମ ପକେଇ କଳା, ବାଣିଜ୍ୟ, ବିଜ୍ଞାନ ମଧ୍ୟରୁ କଳାରେ ନାମ ଲେଖାଇ ଦେଲା । ସେହି ସମୟରେ କୋରୋନା ମହାମାରୀର ତାଣ୍ଡବ ସାରା ବିଶ୍ବରେ ଚାଲିଥାଏ । ତେଣୁ ସେଥି ପାଇଁ ସରକାର ସମସ୍ତ ସ୍କୁଲ ଏବଂ କଲେଜ ବନ୍ଦ କରିଦେଇ ଥିଲେ । ସେମିତି କିଛିଦିନ ଗଲାପରେ ପୁଣି ସବୁ ଶିକ୍ଷା ଅନୁଷ୍ଠାନ ଖୋଲାଗଲା । ତାପରେ ରାଜେନ୍ଦ୍ର ଆଉ ତା'ର ସାଙ୍ଗ କଲେଜ ବାହାରିଲେ ଯିବା ପାଇଁ ସେଦିନ ଥାଏ କଲେଜର ପ୍ରଥମ ଦିନ, ରାଜେନ୍ଦ୍ର ଆଉ ତା'ର ସାଙ୍ଗ ବସରୁ ଓହ୍ଲେଇ କଲେଜ ରାସ୍ତାରେ ଯାଉଥାନ୍ତି । ସେମିତି କିଛିଦୂର ଯିବା ପରେ ହଠାତ୍ ରାଜେନ୍ଦ୍ରର ସାଙ୍ଗ ଜୋତାରୁ ତା'ର ବଧିଟା ବାହାରି ଗଲା ସେ କିଛି ବାଟ ଯାଉଥାଏ ଆଉ ବଧିକୁ ତା'ର ଜୋତାରେ ଲଗାଉଥାଏ । ଏମିତି କରି କରି ଦୁହେଁ ଆସି କଲେଜରେ ପହଞ୍ଚି ଗଲେ, ଆଉ ସେଇ ନୂଆଁ କଲେଜରେ ସେମାନଙ୍କୁ ସବୁ କିଛି ନୂଆଁ ନୂଆଁ ଲାଗୁଥାଏ । ଏମିତି କିଛି ଦିନ କଲେଜ ଆସିବ ପରେ ଦିନେ ରାଜେନ୍ଦ୍ରର ଗୋଟେ ଝିଅ ସହ ପ୍ରଥମ ଥର ଦେଖା ହୁଏ ଏବଂ ଅଜଣା ଭିଡ଼ରେ ଦିଶୁଥିବା ଜଣା ମୁହଁଟେ ପରି ଲାଗୁଥାଏ । ସେ ଭାବିଲା ମୁଁ ପ୍ରେମରେ ପଡ଼ିଗଲି କି ଆଉ ପୁଣି ଭାବିଲା ନାଇଁ ବାବା ନାଇଁ ସେ ପ୍ରେମ ମୁଁ କରିବିନି କିନ୍ତୁ କ'ଣ ହେବ ତା' ଆଖିସିନା ତାକୁ ଥରେ ଚାହିଁ ଆଉ ଚାହିଁବନି ବୋଲି ମନା କରୁଥାଏ କିନ୍ତୁ ସେଇ ପ୍ରଥମ ଦେଖା ପରଠାରୁ ତା' ହୃଦୟ ପରା ତାକୁ ପ୍ରତି ମୁହୂର୍ତ୍ତରେ ଚାହୁଁଥାଏ । ଆଉ ତାକୁ ଦେଖିଲେ ଲାଗେ ସତେ ଯେମିତି ସ୍ୱର୍ଗରୁ ଅପ୍ସରାଟିଏ ଏଇ ମର୍ତ୍ତ୍ୟକୁ ଓହ୍ଲାଇ ଆସିଛି । ଲୋକେ କୁହନ୍ତି ପା ଯାହାକୁ ଯିଏ ରସିଲା ତାକୁ ସିଏ କିଆ ଫୁଲ ପରି ବାସିଲା ଠିକ୍ ସେହି ପରି ସେ ଅପ୍ସରା ନହୋଇ ମଧ୍ୟ ତାକୁ ସେ ଝିଅ ଅପ୍ସରାଟେ ପରି ଲାଗୁଥାଏ । ସତେ ଯେମିତି ଗୋଟିଏ ଚାଉଳରେ ଗଢା

ଝିଅଟିଏ । ରାଜେନ୍ଦ୍ର ଭଲ ପାଇବ କି ନାହିଁ ବହୁତ୍ ଭାବିବା ପରେ ଶେଷରେ ସ୍ଥିର କଲା ଭଲ ପାଇବ ବୋଲି ଆଉ ତା'ର ଆରମ୍ଭ ହୋଇଗଲା ଏକ ତରଫା ଭଲ ପାଇବା,ଏମିତି କିଛିଦିନ ଗଲାପରେ ସେ ଝିଅ ମଧ୍ୟ ଜାଣିଲା ଯେ ସେଇ ପିଲାଟା ତାକୁ ଭଲ ପାଉଛି । ପୁଣି ସେମିତି କିଛି ଦିନ ଚାଲିଯାଏ । ଦିନେ ତାକୁ ପାଖକୁ ଡାକିଲା ଆଉ ଜାଣିଥିଲି ସେ ତାକୁ ମନା କରିଦେବ ବୋଲି । ଏହା ଜାଣି ମଧ୍ୟ ରାଜେନ୍ଦ୍ର ମନର କଥା ଖୋଲା ଖୋଲି ଭାବରେ ଖୋଲା ଆକାଶ ତଳେ ତାକୁ କହିଦିଏ । ସେ ଝିଅ ତା'ର ଗୋଲାପି ଗୋଲାପି ଓଠରେ ବଡ଼ ନାଁ... ଟିଏ କହି ସେଠାରୁ ଚାଲିଯାଏ । ତାକୁ ନେଇ ଦେଖିଥିବା ସ୍ୱପ୍ନ ଗୋଟେ ମୁହୂର୍ତ୍ତରେ ରାଜେନ୍ଦ୍ରର ଭାଙ୍ଗିଗଲା ।  ସେତିକି ବେଳକୁ ରାଜେନ୍ଦ୍ରର ବୋଉ ଆସି ତାକୁ ଢୋକି ଚଟକଣା ଟିଏ ମାରିଦିଏ ରାଜେନ୍ଦ୍ର ସେବେ ଭାବୁଥାଏ ମୋ ବୋଉ କ'ଣ ଆମ କଲେଜକୁ ଆସିଲା ଭାରି କି ? ଏହା ଭାବୁ ଭାବୁ ରାଜେନ୍ଦ୍ରର ବୋଉ ପୁଣି ଆସି ଚଟକଣା ଟିଏ ମାରିଦିଏ  ।  ସେତେବେଳକୁ ହଠାତ୍ କି ଆଖି ଖୋଲିଯାଏ ରାଜେନ୍ଦ୍ରର। ଦେଖୁ ଦେଖୁ ସେ ନିଘୋଡ଼ ନିଦରେ ସକାଳ ସାତଟା ଯାଏ ଶୋଇ ପ୍ରେମର କାହାଣୀ ଟିକୁ ସ୍ୱପ୍ନରେ ଦେଖୁଥିଲା । ବୋଉ ଠାରୁ ମାଡ଼ଖାଇ ନିଦଟାତ ଭାଙ୍ଗିଲା ଭାଙ୍ଗିଲା ତା'ସହ ସ୍ୱପ୍ନରେ ଦେଖିଥିବା ସୁନ୍ଦର ପ୍ରେମର କାହାଣୀଟି ମଧ୍ୟ ଭାଙ୍ଗିଗଲା । ବଡ଼ ଅଜବ କଥା, କିଏ ସିନା ମାଡ଼ଖାଇ କାନ୍ଦେ ହେଲେ ସେ କୁଳାଙ୍ଗାର ନିଦରୁ ଉଠିପଡ଼ି ସ୍ୱପ୍ନରେ ଦେଖିଥିବା ପ୍ରେମର କାହାଣୀକୁ ଭାବି ମୁରୁକି ମୁରୁକି ହସୁଥାଏ । ସେବେ ପୁଣି ତା' ବୋଉ ଆସି ଢୋକି ଚଟକଣା ଟିଏ ମାରି ଦେଇ କୁହେ-"ମାଡ଼ଖାଇ ହସୁଛି ଆହୁରି ଜାବେ କୁଳାଙ୍ଗାର ।"

*ଦେବାଶିଷ୍ ସାହୁ*

*ଗ୍ରାମ-ବେଲଟିକିରି, ଜିଲ୍ଲା-ଢେଙ୍କାନାଳ, ପୋଷ୍ଟ-ବେଲଟିକିରି*

*ଫୋନ ନଂ-9348175683*

*sahoodebasish894@gmail.com*

# ନାରୀ



ନିସ୍ତବ୍ଧ ରାତ୍ରିର
କରଳ ରୂପରେ
ଭିଜୁଛି ବସୁଧା ନିଷ୍ପାପ ନାରୀର
ଉଷ୍ମ ରକ୍ତ ଧାରା ରେ।।
ନରଭକ୍ଷୀ ରାକ୍ଷସ ବୁଲନ୍ତି
ଏଠି ମାନବ ବେଶରେ
ମନର ତୃଷ୍ଣାକୁ ଶାନ୍ତ କରନ୍ତି
ନାରୀର ସେ ଆର୍ତ୍ତ ଚିତ୍କାରେ ।।
ଶକ୍ତିର ଉତ୍ସ ବୋଲାଉଥିବା ନାରୀ
ଆଜି ଶକ୍ତ ନର ର ପାଦରେ
ନିଜର ଅସ୍ତିତ୍ୱ ହରାଇ ବସେ
ପୁରୁଷର କାମନା ଲାଳସା ଅଗ୍ନିରେ ।।

*ପ୍ରିତୀକଳ୍ପିତା କୁଅଁର*
*ସୁନାପାଳ, ପ୍ରିତିପୁର, ଯାଜପୁର*

# ମାଟିମାଆ

ମାଟିମାଆ ପରି ମାଆ ପାଖେ ଥିଲେ
କାହାକୁ ବା ଆଉ ଡର,
ସବୁ ଦରବ ଯୋଗାଇ ଦିଏ ସେ
କାହାକୁ ନ ଭାବି ପର।

ମାଟିମାଆ ର ସେନେହ ଆଗେ
ପଡିଯାଏ ସବୁ ଫିକା,
ଯେତେ ଦୁଃଖ କଷ୍ଟ ଆସିଲେ ଆସୁ
ଲାଗେ ନାହିଁ କେବେ ଏକା।

ମାଟିମାଆ ତା ସନ୍ତାନ ପାଇଁ
ରଖିଛି ଅନେକ ଫଳ,
କେଉଁ ଝରଣାରୁ ଝରାଇ ଦିଏ
ତା'ର ଏ ଅମୃତ ଜଳ।

ମାଟାମାଆ ର ସନ୍ତାନ ଆଜି
ମାଟାମାଆ କୁ ହସାଏ,
କଷଣ ସହି ଯତନ କରି
ସୁନାର ଫସଲ ଫଳାଏ।

ସବୁ କାମରେ ଲାଗେ ଏ ମାଟି
ଅଦରକାରୀ ସେ ନୁହେଁ,
କରମ ଦେଖି ଫଳ ଦିଅଇ
ସମସ୍ତଙ୍କୁ ଚାହିଁଥାଏ।

ମାଟି ଆମର ଦ୍ୱିତୀୟ ମାତା
କାହାକୁ ନାହିଁ ଅଛପା,
କେଡ଼େ ସୁନ୍ଦର ଲାଗେ ଏ ମାଟି
ମନଲୋଭା ଅପରୂପା।

ମାଟିମାଆ ର ପାଦରେ ଆମେ
କରିବା କୋଟି ପ୍ରଣାମ,
ସବୁ ଜନମେ ତା'ର କୋଳରେ
ହୋଇବା ଆମେ ଜନମ।

ସବୁ ଅଳିଆ ଛାତିରେ ରଖି
ହୋଇଛି ସିଏ ମହାନ,
ଦୂଷିତ କେବେ କରିବା ନାହିଁ
ରଖିବା ତା'ର ସମ୍ମାନ।

ମାଟିମାଆ ଆମ ସାହା ଭରଷା
ଆମପାଇଁ ଆବଶ୍ୟକ,
ଆମ ସୁବିଧା ପାଇଁ ଏ ମାଟି
ତାହାର ଆମେ ରକ୍ଷକ।

ମାଟାମାଆ କୁ ରକ୍ଷା କରିବା
କରିବା ଆମେ ଶପଥ,
ପ୍ରଦୂଷଣ ରୁ ମୁକ୍ତ ରଖିବା
ନ ଆସିବ କେବେ ବିପଦ।

*ବଳରାମ ବେହେରା*
*ବାଙ୍ଗୋର, ହାଟଡିହୀ, କେନ୍ଦୁଝର*
*ପିନ୍ - ୭୫୮୦୨୩*
*ଦୂରଭାଷ – ୮୨୬୦୮୭୭୦୧୪*

# ଦେବୀ ଦୁର୍ଗା



ଶ୍ରାବଣ ମାସର ବାରିପାତରେ ଧରଣୀ ମାଆ ଜଳରେ ପୂର୍ଣ୍ଣ ହୋଇଥିଲା। ଚାଷୀଟି ନିଜର ସବୁଜ ଶସ୍ୟ କ୍ଷେତକୁ ଦେଖି ଆନନ୍ଦରେ ନାଚି ଉଠୁଥିଲା।ଶେଷରେ ଧରଣୀ ମାଆ ବର୍ଷା ଋତୁକୁ ବିଦାୟ ଦେଇ ଶରତ ଋତୁର ଆଗମନକୁ ସ୍ୱାଗତ କରିଛି। ଆଶ୍ୱିନ ମାସରେ ଧରଣୀ ମାଆ କାଶତଣ୍ଡୀ ପୁଷ୍ପରେ ଧବଳ ବର୍ଣ୍ଣ ଧାରଣ କରିଛି। ଦୁର୍ଗତି ନାଶିନୀ ଦେବୀ ଦୁର୍ଗା ମାଆଙ୍କର ଆଗମନକୁ କାଶତଣ୍ଡୀ ସାଦରେ ଆମନ୍ତ୍ରଣ କରିଛି। ଆମ ସଂସ୍କୃତିରେ ବାରମାସରେ ତେର ପର୍ବ ପାଳିତ ହୁଏ। ସେଥି ମଧ୍ୟରୁ ଦୁର୍ଗା ପୂଜା ଅନ୍ୟତମ। ଆଶ୍ୱିନ ମାସ ଶୁକ୍ଳ ପକ୍ଷ ସପ୍ତମୀ ତିଥିରେ ଦୁର୍ଗା ମାଆଙ୍କର କଳସ ଆସେ। ଅଷ୍ଟମୀରେ ମାଆଙ୍କର ଅଷ୍ଟମୀ ପୂଜା ପାଳନ କରାଯାଏ।ଏହି ଦିନ ମାଆଙ୍କୁ ସନ୍ତୁଷ୍ଟ କରିବା ପାଇଁ କୁଷ୍ମାଣ୍ଡ ଫଳକୁ ମାଆଙ୍କ ପାଖରେ ଛେଦ କରାଯାଏ ବା ବଳି ଦିଆଯାଇଥାଏ। ନବରାତ୍ରୀ ଦିନ ମାଆଙ୍କର ନଅଟି ରୂପକୁ ପୂଜା କରାଯାଇଥାଏ। ଦଶମୀ ଦିନ ବା ଦଶହରାରେ ମାଆ ମଣ୍ଡା ପିଠା ଖାଇ ମର୍ତ୍ତ୍ୟରୁ ବିଦାୟ ନେଇଥାନ୍ତି।

"ଦୁର୍ଗା" ଶବ୍ଦର ବ୍ୟୁତ୍ପତ୍ତି ଅର୍ଥ ହେଉଛି "ଦ୍+ଉ+ର୍+ଗ୍+ଆ= ଦୁର୍ଗା"। "ଦ୍" ର ଅର୍ଥ - ଦୈତ୍ୟ ବିନାଶ ପାଇଁ ଯିଏ ଉଦ୍ଦିଷ୍ଟ, "ଉ"ର ଅର୍ଥ - ସମସ୍ତ ବାଧା ଦାୟକ ଶକ୍ତି ଦୂର କରିବାରେ ଯିଏ ସମର୍ଥ, "ର୍"ର ଅର୍ଥ ସମସ୍ତ ରୋଗରୁ ଯିଏ ବିନାଶ କାରୀ, "ଗ୍"ର ଅର୍ଥ - ସକଳ ପାପର ଯିଏ କ୍ଷୟକାରୀ, "ଆ"ର ଅର୍ଥ - ସମସ୍ତ ଭୟ ଯିଏ ହରଣ କରନ୍ତି।ଅନ୍ୟ ଅର୍ଥରେ କହିବାକୁ ଗଲେ "ଦୁର୍ଗ + ଆ = ଦୁର୍ଗା"। "ଦୁର୍ଗ" ର ଅର୍ଥ - ବିପଦ ବା ଦୁର୍ଗତି ,"ଆ" ର ଅର୍ଥ - ନଷ୍ଟ କରିବା। ପ୍ରତିବର୍ଷ ଆଶ୍ୱିନ ମାସ ଶୁକ୍ଳ ପକ୍ଷ ସପ୍ତମୀ ତିଥିରେ ମାଆ

ଧରାବତରଣ କରି ନିଜର କୋଟି କୋଟି ସନ୍ତାନ ମାନଙ୍କୁ ଦେଖନ୍ତି ଓ ଦର୍ଶନ ଦିଅନ୍ତି। ମାଆ ଦୁର୍ଗା ସବୁରି ଆଶ୍ରୟ ଓ ସକଳ ବସ୍ତୁରେ ବିଦ୍ୟମାନ। ସମଗ୍ର ଜଗତକୁ ସେ ସମ୍ମୋହିତ କରି ରଖିଛନ୍ତି।ସକଳ ବିଶ୍ୱ ହେଉଛି ତାଙ୍କ ତ୍ରିଗୁଣର ଏକ କ୍ରୀଡ଼ା। ଗୁଣତ୍ରୟ - "ସତ୍ତ୍ୱ,ରଜ ଓ ତମ"। ସେ ଇଚ୍ଛା ଶକ୍ତି , କର୍ମ ଶକ୍ତି ଓ ଜ୍ଞାନ ଶକ୍ତି ରୂପରେ ପ୍ରକଟ ହୁଅନ୍ତି। ବ୍ରହ୍ମାଙ୍କ ସହ ଯୁକ୍ତ ହୋଇ ସେ "ବ୍ରହ୍ମଶକ୍ତି"(ସରସ୍ୱତୀ), ବିଷ୍ଣୁଙ୍କ ସହ ଯୁକ୍ତ ହୋଇ "ବିଷ୍ଣୁଶକ୍ତି"(ଲକ୍ଷ୍ମୀ), ଓ ଶିବଙ୍କ ସହ ଯୁକ୍ତ ହୋଇ"ଶିବଶକ୍ତି"( ମହାକାଳୀ ଦୁର୍ଗା) ନାମ ବହନ କରିଛନ୍ତି।

ମହିଷାସୁର ମର୍ଦ୍ଦିନ ମା' ଦୁର୍ଗାଙ୍କର ବିଜୟ ଗାଥାର ନିଦର୍ଶନ ଦେବୀ ଭାଗବତ, ମାର୍କଣ୍ଡେୟ ପୁରାଣ ଆଦିରେ ବର୍ଣ୍ଣିତ। ଏହା ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟର ବିଜୟର ନିଦର୍ଶନ। ଦେବୀ ଭାଗବତ ଓ ସପ୍ତଶତୀ ଚଣ୍ଡୀରେ ବର୍ଣ୍ଣିତ ଅଛି ମେଧାଋଷିଙ୍କର ମାର୍ଗ ଦର୍ଶନରେ ମାତା ଦୁର୍ଗାଙ୍କୁ ସନ୍ତୁଷ୍ଟ କରି, ତାଙ୍କ ଆଶୀର୍ବାଦରୁ ରାଜ୍ୟହୀନ ରାଜା ସୁରଥ ପୁନଃ ନିଜ ରାଜ୍ୟ ଫେରି ପାଇଥିଲେ ଓ ସମାଧି ବୈଶ୍ୟ ମଧ୍ୟ ନିଜର ଅଭିଳଷିତ ବର ଲାଭ କରି ପାରିଥିଲେ।

ସିଂହଳାସୁରର ପୁତ୍ର ବଜ୍ରସିଂହ ଓ ବଜ୍ରସିଂହର ପୁତ୍ର କପିଳ ସିଂହ ।କପିଳ ସିଂହ ଚଉଦ ବର୍ଷ ତପସ୍ୟା କରି ଶିବଙ୍କ ଠାରୁ ବରପ୍ରାପ୍ତ ହୋଇଛି ଏବଂ ଏହି ବରବଳରେ ବହୁ ସ୍ତ୍ରୀ ଉପଭୋଗ କରିଛି । ତାର ନିଜ ସ୍ତ୍ରୀ ଧର୍ମରେଖା ଶୃଙ୍ଗାର ଭୟରେ ମଇଁଷି ରୂପ ଧାରଣ କରି ସିଂହଳ ଦ୍ୱୀପକୁ ଚାଲିଯାଇଛି।ସେଠାରେ ତାକୁ ବଳାତ୍କାରରେ ହରଣ କରିଛି ଯମଙ୍କ ବାହନ କୃତାନ୍ତ ନାମକ ମଇଁଷି,ଫଳରେ ଜନ୍ମ ନେଇଛି ମହାବଳ ବନ୍ତ ଓ ମହାତେଜ ସମ୍ପନ୍ନ ଏକ ପୁତ୍ର ସନ୍ତାନ। ତାର ମୁଣ୍ଡଟି ମଇଁଷିର ଓ ଶରୀରଟି ରାକ୍ଷସର,ସେ ନାମିତ ହୋଇଛି "ମହିଷାସୁର"।ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ମହିଷାସୁର (ମହିଷ ଆକୃତି ଥିବା ଏକ ରାକ୍ଷସ) ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଅତ୍ୟାଚାର କଲା, ଫଳରେ ଦେବଗଣ

ଭୀତତ୍ରସ୍ତ ହୋଇ ବ୍ରହ୍ମାଙ୍କ ନିକଟରେ ନିଜର ଦୁଃଖ ଜଣାଇଲେ । ସର୍ବସମ୍ମତି ପରେ ବ୍ରହ୍ମା ଓ ଶିବ ଦେବତାମାନଙ୍କୁ ନେଇ ବିଷ୍ଣୁଙ୍କ ନିକଟରେ ଉପସ୍ଥିତ ହୋଇ ଦେବଗଣଙ୍କ ଦୁର୍ଦ୍ଦଶା ଜଣାଇଲେ । ଦେବତାମାନଙ୍କର ଦୁର୍ଦ୍ଦଶା ଶୁଣି ଉଭୟ ବିଷ୍ଣୁ ଓ ଶିବ ଅତ୍ୟନ୍ତ କ୍ରୋଧ ପ୍ରକାଶ କଲେ ଏବଂ କ୍ରୋଧରେ ଉଭୟଙ୍କ ମୁଖ ମଣ୍ଡଳ ଲାଲ୍ ହୋଇଗଲା । ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ଭ୍ରୂକୁଟୀ କୁଟିଳ ହେବାରୁ, ସେହି ତିନିଦେବତାଙ୍କ ମୁଖରୁ ଗୋଟିଏ କାଳାନଳ ସଦୃଶ ତେଜ ପ୍ରକାଶ ହେଲା । ତତ୍ ସହିତ ଇନ୍ଦ୍ର ଓ ସମଗ୍ର ଦେବଗଣଙ୍କ ମୁଖରୁ ମଧ ତେଜ ନିର୍ଗତ ହେଲା । ସମସ୍ତ ତେଜ ଧିରେ ଧିରେ ଆକାଶରେ ସମ୍ମିଳିତ ହୋଇ ଏକାକାର ହୋଇଗଲା । ସେହି ତେଜରୁ ଅବିଳମ୍ବେ ଏକ ଦିବ୍ୟନାରୀ ରୂପରେ ପରିବର୍ତ୍ତିତ ହେଲା । ଶିବଙ୍କ ତେଜରେ ସେହି ଦିବ୍ୟନାରୀର ମୁଖ, ଯମଙ୍କ ତେଜରୁ କେଶ, ବିଷ୍ଣୁଙ୍କ ତେଜରୁ ଭୁଜ, ଚନ୍ଦ୍ରଙ୍କ ତେଜରୁ ଦୁଇସ୍ତନ, ଇନ୍ଦ୍ରଙ୍କ ତେଜରୁ ମଧଦେଶ, ବରୁଣଙ୍କ ତେଜରୁ ଜଙ୍ଘ ଓ ଉରୁ, ପୃଥିବୀଙ୍କ ତେଜରୁ ନିତମ୍ବ, ବ୍ରହ୍ମାଙ୍କ ତେଜରୁ ଚରଣ, ସୂର୍ଯ୍ୟଙ୍କ ତେଜରୁ ଚରଣର ଆଙ୍ଗୁଠି, ବସୁଗଣଙ୍କ ତେଜରୁ ହସ୍ତର ଅଙ୍ଗୁଳି, କୁବେରଙ୍କ ତେଜରୁ ନାସିକା, ନବପ୍ରଜାପତିଙ୍କ ତେଜରୁ ଦନ୍ତାବଳୀ, ଅଗ୍ନିଙ୍କ ତେଜରୁ ତ୍ରିନେତ୍ର ସୃଷ୍ଟି ସମ୍ଭବ ହୋଇଥିଲା । ସନ୍ଧ୍ୟାଙ୍କ ତେଜରୁ ଭ୍ରୂକୁଟୀ, ପବନଙ୍କ ତେଜରୁ କର୍ଣ୍ଣ, ଅନ୍ୟାନ୍ୟ ଦେବତାଗଣ ଓ ବିଶ୍ୱକର୍ମାଙ୍କ ତେଜରୁ ଦେବୀଙ୍କର ସମଗ୍ର ଶରୀର ସୃଷ୍ଟି ହୋଇଥିଲା । ଦେବୀଙ୍କ ଦିବ୍ୟରୂପ ଦେଖି ଦେବତା ଗଣ ଭାବିଲେ ଯେ ଏ ନିଶ୍ଚୟ ଆମର ଦୁର୍ଗତି ନାଶ କରିବ । ତେଣୁ ସମଗ୍ର ଦେବତା ସେହି ଦିବ୍ୟନାରୀର ନାମ ରଖିଲେ 'ଦୁର୍ଗା' । ତା'ପରେ ଦେବଗଣ ନିଜ ନିଜର ଦିବ୍ୟାସ୍ତ୍ର ଦେବୀଦୁର୍ଗାଙ୍କୁ ପ୍ରଦାନ କଲେ । ପ୍ରଥମେ ଶିବ ନିଜର ତ୍ରିଶୂଳ ପ୍ରଦାନ କଲେ । ବିଷ୍ଣୁ - ଚକ୍ର, ଅଗ୍ନି - ଶକ୍ତି, ପବନ - ଧନୁର୍ବାଣ, ଇନ୍ଦ୍ର - ବଜ୍ର ଓ ଘଣ୍ଟା, ଯମରାଜ - କାଳଦଣ୍ଡ, ବରୁଣ - ପାଶ ଓ ଶଙ୍ଖ, ଦକ୍ଷ ପ୍ରଜାପତି - ଅକ୍ଷମାଳା ଏବଂ ବ୍ରହ୍ମା ଦେବୀଙ୍କୁ କମଣ୍ଡଳୁ ପ୍ରଦାନ କଲେ । ଦେବୀଙ୍କର ସମଗ୍ର ଅବୟବ ପୂର୍ଣ୍ଣ ନହେବାରୁ, ସୂର୍ଯ୍ୟ ତାଙ୍କ ପ୍ରତି ଲୋମରେ କିରଣମାଳା ପୂର୍ଣ୍ଣ କରିଦେଲେ, ମହାକାଳ ଦେବୀଙ୍କୁ କାଳର ଲହଲହ

ଜିହ୍ୱା ସଦୃଶ ଗୋଟିଏ ଖଡ୍ଗ ପ୍ରଦାନ କଲେ । କ୍ଷୀର ସମୁଦ୍ର ଦେବୀଙ୍କ ଶରୀରର ସୌନ୍ଦର୍ଯ୍ୟକୁ ବର୍ଦ୍ଧିତ କରାଇ ବସ୍ତ୍ର, ଉତ୍ତରୀୟ, ମୋତିମାଳା, ଚୂଡାମଣି, ଦିବ୍ୟକୁଣ୍ଡଳ ତଥା କଙ୍କଣ ପ୍ରଦାନ କଲେ । ଚନ୍ଦ୍ରମା ଦେବୀଙ୍କ ଦୁଇପାଦରେ ଝୁଣ୍ଟୁଣ୍ଟୁ ପାହୁଡ, ବାହୁରେ ବାଜୁବନ୍ଧ, କଣ୍ଠରେ ଚାପସରୀ ଓ ଅଙ୍ଗୁଳିମାନଙ୍କରେ ରତ୍ନମୁଦ୍ରିକା ପିନ୍ଧାଇ ଦେଲେ । ବିଶ୍ୱକର୍ମା ଦେବୀଙ୍କୁ ଗୋଟିଏ ଅଭେଦ୍ୟ କବଚ ଓ ତୀକ୍ଷ୍ଣ ଧାରଯୁକ୍ତ ପରଶୁ, କୁବେର ଗୋଟିଏ ସୁନ୍ଦର ପାନପାତ୍ର, ଅନନ୍ତନାଗ ଗୋଟିଏ ମଣିଖଚିତ ନାଗହାର ପ୍ରଦାନ କଲେ । ପରିଶେଷରେ ହିମାଳୟ ଦେବୀଙ୍କ ବାହନ ରୂପେ ଏକ ସିଂହ ପ୍ରଦାନ କଲେ । ଦେବୀ ଦୁର୍ଗା ସିଂହ ଉପରେ ଆସୀନ ହେବା ମାତ୍ରେ ସମୁଦ୍ର ଏକ ପଦ୍ମମାଳା ଆଣି ତାଙ୍କ ଗଳାରେ ଲମ୍ବାଇ ଦେଲେ ।  ସମସ୍ତ ଦେବତା ନିଜ ନିଜ ଆୟୁଧ ଦୁର୍ଗାଙ୍କୁ ଦାନ କଲେ,ଶେଷରେ ଦେବୀ ସିଂହ ବାହିନୀ ହୋଇ ମହିଷାସୁର ସହ ଯୁଦ୍ଧ କରିଥିଲେ।ଯୁଦ୍ଧରେ ଦେବୀ ବିଡାଳାକ୍ଷ, ଅସିଲୋମା, ମହାହନୁ ଆଦି ମହିଷାସୁରର ଅନେକ ମୁଖ୍ୟ ସେନାପତିମାନଙ୍କୁ ବଧ କଲେ। ଅନ୍ତିମରେ ମହିଷାସୁର ନିଜର ମାୟାବୀ ଶକ୍ତିଦ୍ୱାରା ମହାମାୟାଙ୍କ ଉପରେ ଆକ୍ରମଣ କଲା, ଦେବୀ କ୍ଳାନ୍ତ ହୋଇପଡ଼ିବାରୁ ମହଦେବ ତାଙ୍କୁ ମଧୁ ପାନ କରିବାକୁ ଦେଇଥିଲେ। ଦେବୀ ପୁନଶ୍ଚ ଯୁଦ୍ଧରେ ନିମଗ୍ନ ହେଲେ । ଅନେକ ସମୟ ଯୁଦ୍ଧ କଲାପରେ ଦେବୀ ଶୂଳଦ୍ୱାରା ମହିଷାସୁରର ହୃଦୟ ବିଦ୍ଧ କଲେ, ଖଡ୍ଗଦ୍ୱାରା ଶିରଚ୍ଛେଦ କଲେ । ସେହି ସମୟ ଥିଲା ଚୈତ୍ର ଶୁକ୍ଳ ପକ୍ଷ ଅଷ୍ଟମୀ ଓ ନବମୀର ସନ୍ଧିକ୍ଷଣ, ତେଣୁ ଏହିସମୟରେ ଦେବୀଙ୍କୁ ମହାଶକ୍ତି ରୂପେ ପୂଜା କରାଯାଏ । ତ୍ରେତା ଯୁଗରେ ରାବଣକୁ ପରାସ୍ତ କରିବା ହେତୁ ରାମଚନ୍ଦ୍ର ଚୈତ୍ର ବଦଳରେ ଆଶ୍ୱିନରେ ଏହି ପୂଜା କରିଥିଲେ, ସେବେଠାରୁ ଏହା ଉଭୟ ଚୈତ୍ର ବାସନ୍ତୀ ନବରାତ୍ର ଓ ଆଶ୍ୱିନ ଶାରଦ ନବରାତ୍ର ଭାବେ ବିଦିତ ଓ ଉଭୟ ସମୟରେ ଦେବୀଙ୍କ ମହାପୂଜା ପାଳିତ ।  ନବମୀର ପରବର୍ତ୍ତୀ ଦିନ ବିଜୟଉତ୍ସବ ବା ବିଜୟାଦଶମୀ ପାଳିତ ହୁଏ ।

ଦେବୀ ଦୁର୍ଗା ମାଆଙ୍କର ନବମୀ ବା ନବରାତ୍ର ପୂଜାର ବିଶେଷତ୍ୱ ମହତ୍ତ୍ୱପୂର୍ଣ୍ଣ। ନଅ ଦିନକୁ ତିନି ଭାଗରେ ବିଭକ୍ତ କରି ନବରାତ୍ର ପୂଜା ପାଳନ କରାଯାଏ।ପ୍ରଥମ ତିନି ରାତ୍ରିରେ ଦୁର୍ଗା ମାଆଙ୍କର ବିନାଶ ଶକ୍ତିର ପୂଜା କରାଯାଏ।ଏହି ସମୟରେ ମନ ଆକର୍ଷିତ ଓ ମନ୍ଦ ଶକ୍ତି ଧ୍ୱଂସ ପାଏ।ଦ୍ୱିତୀୟ ଦିନ ରାତ୍ରିରେ ସୃଷ୍ଟି ଶକ୍ତି ବା ମାଆ ଲକ୍ଷ୍ମୀଙ୍କର ପୂଜା କରାଯାଏ,ଯାହା ଆଧ୍ୟାତ୍ମିକ ପ୍ରଗତି ଆଣିଥାଏ।ଶେଷ ତିନି ରାତ୍ରିରେ ଜ୍ଞାନ ଶକ୍ତି ବା ସରସ୍ୱତୀଙ୍କର ପୂଜା ଅନୁଷ୍ଠିତ ହୁଏ,ଯାହା ଦ୍ୱାରା ଭକ୍ତକୁ ପ୍ରକୃତ ଜ୍ଞାନ ପ୍ରଦାନ କରନ୍ତି।ମାଆଙ୍କର ନଅଟି ରୂପକୁ ନବରାତ୍ରି ଦିନ ପୂଜା କରାଯାଏ। ସେମାନେ ହେଲେ : - ୧. ଶୈଳପୁତ୍ରୀ, ୨. ବ୍ରହ୍ମଚାରିଣୀ,୩. ଚନ୍ଦ୍ରଘଣ୍ଟା,୪. କୁଷ୍ମାଣ୍ଡ,୫. ସ୍କନ୍ଦମାତା,୬. କାତ୍ୟାୟନୀ,୭.କାଳରାତ୍ରୀ,୮. ମହାଗୌରୀ,୯- ସିଦ୍ଧିଦାତ୍ରୀ।ଜଗତର କଲ୍ୟାଣ ପାଇଁ ଦୁର୍ଗା ମାଆଙ୍କର ନଅଟି ରୂପକୁ ନବରାତ୍ରୀ ଦିନ ପୂଜା କରାଯାଇଥାଏ । ଦେବୀ ଦୁର୍ଗା ମାଆଙ୍କର ନଅଟି ରୂପକୁ ନଅ ଜଣ କୁନି କୁନି ଝିଅ ମାନଙ୍କୁ ସଜାଇ ପୂଜା କରାଯାଇଥାଏ।

ଶେଷରେ ଦଶଦିନ ବା ଦଶହରାରେ ମଣ୍ଡା ଖାଇ ଦୁର୍ଗା ମାଆ ଏଇ ମର୍ତ୍ତ୍ୟରୁ ବିଦାୟ ନେଇଥାନ୍ତି।ଅଜ୍ଞାନ ଉପରେ ଜ୍ଞାନର ଓ ମନ୍ଦ ଉପରେ ଭଲର ବିଜୟ ହେଇଥିବାରୁ ଏହାକୁ ବିଜୟା ଦଶମୀ ରୂପରେ ମଧ ପାଳନ କରାଯାଇଥାଏ।ଏହି ଦିନ ଦରଜୀ,ରାଜମିସ୍ତ୍ରୀ, ବଢ଼େଇ,ଏବଂ ଅନ୍ୟ ସମସ୍ତ ବୈଷୟିକ କର୍ମଚାରୀ ତାଙ୍କର ଯନ୍ତ୍ରପାତି ,ଅସ୍ତ୍ର ଓ ଯାନବାହାନ ଆଦି ପୂଜା କରିଥାନ୍ତି ଓ ଏହି ଯନ୍ତ୍ର ମଧ୍ୟରେ ସେମାନେ ଶକ୍ତିକୁ ଦର୍ଶନ କରି ନିଜର ଆଗାମୀ ଶାନ୍ତି ,ଉନ୍ନତି,ପ୍ରଗତି, ଓ ସାଫଲ୍ୟ ପାଇଁ ଦେବୀଙ୍କର ଆରାଧନା କରନ୍ତି। ସାରା ଭାରତ ବର୍ଷରେ ଭକ୍ତ ନିଷ୍ଠାର ସହ ଦେବୀ ଦୁର୍ଗା ମାଆଙ୍କର ପୂଜା କରିଥାଆନ୍ତି।

*ରେଖାରାଣୀ ବାରିକ୍*

*ଭୋଗପୁର, ଖଇରା, ବାଲେଶ୍ୱର*